୯-୧୫ ଜୁନ୍ ୨୦୨୪

ସକାଳ
THE SAKALA

# ରବିବାର ସିନ୍ଦୁରା

- ବାରଙ୍ଗ କିଙ୍ଗ୍ ବିବନ
- ୨୮ ବର୍ଷ ପରେ ଅଭିଯୁକ୍ତ ଗିରଫ
- ନିଖୋଜରୁ ହତ୍ୟାକାଣ୍ଡ
- ପୁଲିସ ହାତରେ ବିଳମ୍ବରେ ଅପରାଧୀ
- ୯ ବର୍ଷ ପରେ ଗିରଫ ଦୁଇ ଅଭିଯୁକ୍ତ
- ପୁଲିସ ପଞ୍ଝାରେ ଫେରାର ଅଭିଯୁକ୍ତ



# ଆଇନର ହାତ ଲମ୍ବା





ଅପରାଧ ଏକ ସାମାଜିକ ବ୍ୟାଧି। ସମାଜରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଅପରାଧ ସଂଖ୍ୟା। ଏହି କାର୍ଯ୍ୟକଳାପ ଯୋଗୁଁ ସୃଷ୍ଟି ହେଉଛି ସାମାଜିକ ବିଶୃଙ୍ଖଳା। ପାରିବାରିକ, ସାମାଜିକ ହିଂସା ବିଶୃଙ୍ଖଳାର ଅନ୍ୟତମ କାରଣ। କେଉଁଠି ହତ୍ୟା ତ କେଉଁଠି ଦୁର୍ଷ୍କର୍ମ ଅବା କେଉଁଠି ଚୋରି, ଡକାୟତି, ଦୁର୍ନୀତି ଭଳି ଅପରାଧିକ ଘଟଣା ବଢ଼ିବାରେ ଲାଗିଛି। ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ରହିଛି ପୁଲିସ, ପ୍ରଶାସନ। ଅପରାଧୀକୁ ଦଣ୍ଡ ଦେବା ପ୍ରଣୟନ ହୋଇଛି ଆଇନ। ଦୋଷୀକୁ ମିଳୁଛି କଠୋର ଦଣ୍ଡ। ତଥାପି ଅପରାଧ ସଂଖ୍ୟା ହ୍ରାସ ପାଉନାହିଁ କି ପେସାଗତ ଅପରାଧୀ ଏଭଳି ଘୃଣ କାମରୁ ନିଜକୁ ଦୂରେଇ ରଖୁ ନାହାନ୍ତି।

ଅନେକ ସମୟରେ ଜଘନ୍ୟକାଣ୍ଡ ଘଟାଇ ପୁଲିସ ଆଖିରେ ଧୂଳିଦେଇ ଫେରାର ହୋଇଯାଉଛନ୍ତି ଅପରାଧୀମାନେ। ସେ ସଂପର୍କରେ ପୁଲିସ ଟେର୍ ବି ପାଇ ପାରୁନାହିଁ। କିଏ ନାମ ପରିବର୍ତ୍ତନ କରି ତ କିଏ ଠିକଣା ଓ ରୂପ ପରିବର୍ତ୍ତନ କରି ଆତ୍ମଗୋପନ କରୁଛନ୍ତି। କିନ୍ତୁ କୁହାଯାଏ, ଅପରାଧୀ ଯେତେ ଚାଲାକ ହେଲେ ମଧ୍ୟ ଦିନେ ନା ଦିନେ ପୁଲିସ ହାତରେ ଧରାପଡ଼ିଥାଏ। ଆଇନର ହାତ ବହୁତ ଲମ୍ବା। ଆଇନକୁ କେହି ଠକି ପାରିବେ ନାହିଁ। ଏଭଳି ଅତୀତରେ ଅନେକ ବହୁ ଚର୍ଚ୍ଚିତ ହତ୍ୟା, ଦୁଷ୍କର୍ମ ଘଟଣାର ଅଭିଯୁକ୍ତମାନେ ବର୍ଷ ବର୍ଷ ଧରି ଫେରାର୍ ହୋଇଯାଇଛନ୍ତି। କିନ୍ତୁ ଧରାପଡ଼ିଛନ୍ତି କେବେ ନା କେବେ। ଅତୀତରେ ଓଡ଼ିଶା ଓ ଆମ ଦେଶରେ ଅନେକ ହାଇପ୍ରୋଫାଇଲ୍ ହତ୍ୟା, ଦୁଷ୍କର୍ମ , ଦୁର୍ନୀତି ହୋଇଛି। ଯାହାର ଅଭିଯୁକ୍ତକୁ ଖୋଜିବାକୁ ପୁଲିସକୁ ଅନେକ କସରତ କରିବାକୁ ପଡ଼ିଛି। ପୁଲିସ-ଅପରାଧୀର ଲୁଚକାଳି ଖେଳ ଭିତରେ ଶେଷରେ ଧରାପଡ଼ିଛି ଅପରାଧୀ। ବିଳମ୍ବରେ ପୁଲିସ ହାତରେ ଧରାପଡ଼ିଥିବା ଅପରାଧୀ ଓ ଅପରାଧିକ ଘଟଣାକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ: **ଆଇନର ହାତ ଲମ୍ବା**

ପ୍ରସ୍ତୁତି: 'ସକାଳ' ବ୍ୟୁରୋ



ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ

**ମେଷ**
ରବି,ସୋମବାରରେ ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ସନ୍ତାନସନ୍ତତିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ମଙ୍ଗଳ,ବୁଧବାରରେ କର୍ମକ୍ଷେତ୍ରରେ ପ୍ରଭାବଶାଳୀ ରହିବେ। ଗୁରୁ, ଶୁକ୍ର,ଶନିବାରରେ ମୂଲ୍ୟବାନ ବସ୍ତୁ କ୍ରୟ କରିପାରନ୍ତି। ଉଚ୍ଚ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ।

**ବୃଷ**
ରବି,ସୋମବାରରେ କାର୍ଯ୍ୟମନ୍ଥରତା ଦେଖାଦେବ। ଆର୍ଥିକ ଉନ୍ନତି ହେବ। ମଙ୍ଗଳ, ବୁଧବାରରେ ଆୟର ନୂତନ ପଥ ଉନ୍ମୁକ୍ତ ହେବ। ଗୁରୁ,ଶୁକ୍ର,ଶନିବାରରେ ଅବହେଳାର ଶିକାର ହେବେ। ବ୍ୟବସାୟିକ ଆୟବ୍ୟୟ ସମାନ ରହିବ।

**ମିଥୁନ**
ରବି, ସୋମବାରରେ ସମୟର ସଦୁପଯୋଗ କରିବେ। କଠିନ ପରିଶ୍ରମ କରି ସଫଳ ହେବେ। ମଙ୍ଗଳ,ବୁଧବାରରେ ଆର୍ଥିକ କ୍ଷେତ୍ରରେ ପାରିବାରିକ ସହଯୋଗ ପାଇବେ। ଗୁରୁ, ଶୁକ୍ର,ଶନିବାରରେ ଜୀବନସାଥୀଙ୍କ ସହ ନୂତନ ଯୋଜନା ପ୍ରସ୍ତୁତ କରିବେ। ଧନଲାଭ ଯୋଗ ରହିଛି।

**କର୍କଟ**
ରବି,ସୋମବାରରେ ପରିବାରରେ ସମସ୍ୟା ସୃଷ୍ଟି ହୋଇପାରେ। ବେପାରରେ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ। ମଙ୍ଗଳ,ବୁଧବାରରେ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ଗୁରୁ, ଶୁକ୍ର,ଶନିବାରରେ ସାମାଜରେ ଧନସମ୍ମାନପ୍ରାପ୍ତି। ଗୁରୁଜନଙ୍କ ଆଶୀର୍ବାଦ ପାଇବେ।

**ସିଂହ**
ରବି,ସୋମବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଆଗକୁ ବଢ଼ିବେ। ଭାଇଭଉଣୀଙ୍କର ସହଯୋଗ ମିଳିବ। ମଙ୍ଗଳ,ବୁଧବାରରେ ମନସ୍ତାପରେ ରହିପାରନ୍ତି। ଗୁରୁ, ଶୁକ୍ର, ଶନିବାରରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି। ବରିଷ୍ଠ ବ୍ୟକ୍ତିଙ୍କଠାରୁ ସହଯୋଗ ପାଇବେ।

**କନ୍ୟା**
ରବି,ସୋମବାରରେ କର୍ମକ୍ଷେତ୍ରରେ ପଦୋନ୍ନତି ମିଳିପାରେ। ଅଧିକ ପରିଶ୍ରମୀ ହେବେ। ମଙ୍ଗଳ,ବୁଧବାରରେ ମହତ୍ତ୍ୱପୂର୍ଣ୍ଣ ସଫଳତା ପାଇବେ। ଗୁରୁ, ଶୁକ୍ର,ଶନିବାରରେ ସୁଖଶାନ୍ତି ବୃଦ୍ଧି ପାଇବ। ଅକସ୍ମାତ୍ ଧନଲାଭ ଯୋଗ ରହିଛି।

**ତୁଳା**
ରବି,ସୋମବାରରେ କର୍ମକ୍ଷେତ୍ରରେ ସହଯୋଗ ପାଇବେ। ସନ୍ତାନସନ୍ତତି ଉନ୍ନତି କରିବେ। ମଙ୍ଗଳ,ବୁଧବାରରେ ଅର୍ଥପ୍ରାପ୍ତିର ଯୋଗ ରହିଛି। ଗୁରୁ, ଶୁକ୍ର,ଶନିବାରରେ ମନରେ ପ୍ରସନ୍ନତା ଓ ଚଞ୍ଚଳତା ଭରି ରହିବ।

**ବିଛା**
ରବି,ସୋମବାରରେ ସରକାରୀ କାର୍ଯ୍ୟରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ନିଜର ପରାକ୍ରମ ଦେଖାଇବେ। ମଙ୍ଗଳ,ବୁଧବାରରେ ଅର୍ଥହାନି ଓ ଶତ୍ରୁବୃଦ୍ଧି ହୋଇପାରେ। ଗୁରୁ,ଶୁକ୍ର, ଶନିବାରରେ ଗୁରୁଜନଙ୍କ ଆଶୀର୍ବାଦ ଭାଗ୍ୟ ଉଦୟରେ ସହଯୋଗ ହେବ।

**ଧନୁ**
ରବି,ସୋମବାରରେ ଅଭାବ ଓ ଅସୁବିଧା ଦେଖାଦେବ। ଋଣ ଦେଇଥିବା ଅର୍ଥ ଫେରି ପାଇବେ। ମଙ୍ଗଳ,ବୁଧବାରରେ ଗୁରୁଜନଙ୍କ ସହଯୋଗ ମିଳିବ। ଗୁରୁ,ଶୁକ୍ର,ଶନିବାରରେ ବ୍ୟବସାୟିକ ପ୍ରସାର ହେବ। ଶତ୍ରୁମାନଙ୍କର କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି।

**ମକର**
ରବି,ସୋମବାରରେ ଗୁରୁଜନଙ୍କ ସହଯୋଗ ମିଳିବ। କାର୍ଯ୍ୟକ୍ଷେତ୍ରରେ ବାଧା ସୃଷ୍ଟି ହୋଇପାରେ। ମଙ୍ଗଳ,ବୁଧବାରରେ ଦ୍ରବ୍ୟାଦି ଲାଭ ହେବ। ଗୁରୁ,ଶୁକ୍ର,ଶନିବାରରେ ସକାରାତ୍ମକ ଚିନ୍ତା ରଖି ଆଗକୁ ବଢ଼ିବେ। ନିଜ ବୁଦ୍ଧି ବଳରେ ସଫଳତା ପାଇବେ।

**କୁମ୍ଭ**
ରବି,ସୋମବାରରେ ଦୂରଯାତ୍ରା କରିପାରନ୍ତି। ଦ୍ରବ୍ୟାଦି କ୍ରୟ କରିପାରନ୍ତି। ମଙ୍ଗଳ,ବୁଧବାରରେ ଜୀବନରେ ଅକସ୍ମାତ୍ ପରିବର୍ତ୍ତନ ପରିଲକ୍ଷିତ ହେବ। ଗୁରୁ,ଶୁକ୍ର,ଶନିବାରରେ ଦୃଢ଼ମନା ହେବେ। ନୂତନ ନିଯୁକ୍ତି ହୋଇପାରେ।

**ମୀନ**
ରବି, ସୋମବାରରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେବ। ଭବିଷ୍ୟତ ଯୋଜନାରେ ସଫଳ ହେବେ। ମଙ୍ଗଳ, ବୁଧବାରରେ ପ୍ରିୟଜନଙ୍କ ପାଇଁ ସମ୍ବେଦନଶୀଳ ରହିବେ। ଗୁରୁ, ଶୁକ୍ର,ଶନିବାରରେ ଅର୍ଥପ୍ରାପ୍ତି, ବ୍ୟବସାୟିକ ଆୟ ଭଲ ହେବ।



# ଆଇନର ହାତ ଲମ୍ବା

‘ଅପରାଧ’ ଏଭଳି ଏକ ଶବ୍ଦ ଏହାର କୌଣସି ସରଳ ଓ ସାର୍ବଭୌମିକ ସ୍ୱୀକୃତ ରୂପ ନାହିଁ । ଏହା ଏକ ଦଣ୍ଡନୀୟ ସମାଜ ବିରୋଧୀ କାର୍ଯ୍ୟ । ସମାଜ ଓ ଆଇନ ଦ୍ୱାରା ନିର୍ଦ୍ଧାରିତ ଆଚରଣ ବିଧି ଉଲ୍ଲଂଘନ କରିବା ବା ଏହାକୁ ଅବମାନନା କରିବା ଦଣ୍ଡନୀୟ । ଅପରାଧୀକୁ ଆଇନ ଅନୁଯାୟୀ ନିର୍ଦ୍ଧାରିତ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି । ହତ୍ୟା, ଦୁଷ୍କର୍ମ, ଚୋରି, ଡକାୟତି, ଦୁର୍ନୀତି, ଅସାମାଜିକ କାର୍ଯ୍ୟକଳାପ ଗୋଟିଏ ଗୋଟିଏ ଅପରାଧିକ କାର୍ଯ୍ୟ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କ ବିଭିନ୍ନ ବିଭାଗ ଓ ଆଇନ ରହିଛି । ଏହି ଆଇନ ଅନୁଯାୟୀ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ । ତଥାପି ଦିନକୁ ଦିନ ସମାଜରେ ବଢ଼ିବାରେ ଲାଗିଛି ଅପରାଧ ଘଟଣା । ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି ଅପରାଧୀ । ପୁଲିସ ଆଖିରେ ଧୂଳିଦେଇ ବର୍ଷ ବର୍ଷ ଧରି ଫେରାର ହୋଇଯାଉଛନ୍ତି । ତେବେ ଅପରାଧୀ ଯେତେ ଚାଲାକ୍ ହେଲେ ମଧ୍ୟ କିଛି ନା ନା କିଛି ସୁରାକ ଛାଡ଼ି ଯାଇଥାଏ । ଆଉ ସେଇ ସୁରାକ ଆଧାରରେ ପୁଲିସ ପହଞ୍ଚିଥାଏ ଅପରାଧୀ ପାଖରେ । ଅତୀତରେ ଓଡ଼ିଶାରେ ଘଟିଥିଲା ଏଭଳି କିଛି ଚର୍ଚ୍ଚିତ ଅପରାଧ । ଯେଉଁ ଘଟଣାରେ ଅପରାଧୀ ଫେରାର ହୋଇଯାଇଥିଲା ବର୍ଷ ବର୍ଷ ଧରି । ଅବଶ୍ୟ ଶେଷରେ ସେ ପୁଲିସ ହାତରେ ଧରାପଡ଼ିଥିଲା । ଏଭଳି କିଛି ଚର୍ଚ୍ଚିତ ଘଟଣାକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।





କେଉଁଠି ସ୍ତ୍ରୀକୁ ହତ୍ୟା କରି ସ୍ୱାମୀ ଫେରାର୍ ହୋଇଯାଉଛି, ପୁଣି କେଉଁଠି ଦୁଷ୍କର୍ମ କରି ଅଭିଯୁକ୍ତ ଲୁଚି ରହୁଛି ବର୍ଷ ବର୍ଷ ଧରି । କିଏ ନିଜ ନାମ ପରିବର୍ତ୍ତନ କରି ତ ପୁଣି କିଏ ଠିକଣା ପରିବର୍ତ୍ତନ କରି ଛପି ରହୁଛି । ତେବେ କେତେ ଦିନ ବା ପୁଲିସ ଓ ଆଇନରୁ ବର୍ତ୍ତି ପାରିବ ଅସାମାଜିକ ବ୍ୟକ୍ତି? ଦିନେ ନା ଦିନେ ଧରି ସେମାନେ ଧରାପଡ଼ିଛନ୍ତି ପୁଲିସ ହାତରେ। ହୁଏତ ବିଳମ୍ବ ହୋଇଛି ଅପରାଧୀମାନଙ୍କୁ ଧରିବା ପାଇଁ। କିନ୍ତୁ ଆସାମାଜିକ ବ୍ୟକ୍ତି ଓ ଅପରାଧୀମାନଙ୍କୁ ଧରିବାରେ ସଫଳ ହୋଇଛି ପୁଲିସ ।

ବର୍ଷେ କି ଦୁଇ ବର୍ଷ ନୁହେଁ, ୨୮ ବର୍ଷ ପରେ ଧରାପଡ଼ିଥିଲା ଏମିତି ଜଣେ ଅପରାଧୀ । ପୁଲିସକୁ ଚକ୍‌ମା ଦେଇ ଖସି ଯାଇଥିବା ହତ୍ୟାକାରୀ ଶେଷରେ ଧରାପଡ଼ିଥିଲା । ୧୯୯୫ ମସିହାର ଘଟଣା। ଘଟଣାଟି ଘଟିଥିଲା ବ୍ରହ୍ମପୁର ଅନ୍ତର୍ଗତ ଗୋଷାଣୀନୂଆଗାଁ ଥାନା ଅଞ୍ଚଳରେ। ବ୍ରହ୍ମପୁର ଅଞ୍ଚଳର ହରିହର ପାଟଯୋଷୀ ନାମକ ଜଣେ ବ୍ୟକ୍ତି ଚେନ୍ନାଇରେ ଏକ କମ୍ପାନିରେ କାମ କରୁଥିଲା । ସେଠାରେ ସେ ଇନ୍ଦିରା ନାମକ ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ମାସ ପରେ ପତିପତ୍ନୀଙ୍କ ଭିତରେ ଗଣ୍ଡଗୋଳ ହୋଇଥିଲା। ଶେଷରେ ଉଭୟେ ଅଲଗା ଅଲଗା ରହୁଥିଲେ। ଇନ୍ଦିରା ଛାଡ଼ପତ୍ର ପାଇଁ ମଧ୍ୟ କୋର୍ଟରେ ଆବେଦନ କରିଥିଲେ। ଏହି ଘଟଣାକୁ ନେଇ ହରିହର କ୍ରୋଧିତ ହୋଇ ସ୍ତ୍ରୀ ଇନ୍ଦିରା, ଶାଶୂ ଏବଂ ଶଳାକୁ ମରଣାନ୍ତକ ଆକ୍ରମଣ କରିଥିଲା । ଏହି ଘଟଣାରେ ଶାଶୂଙ୍କ ମୃତ୍ୟୁ ହୋଇଥିଲା । ଆଉ ସ୍ତ୍ରୀ ଓ ଶଳା ଗୁରୁତର ଆହତ ହୋଇଥିଲେ । ଘଟଣା ପରଠାରୁ ହରିହର ଫେରାର ହୋଇଯାଇଥିଲା । ବାରମ୍ବାର ସେ ନିଜ ନିଜ ଠିକଣା ପରବର୍ତ୍ତନ କରି ପୁଲିସଠାରୁ ଦୂରେଇ ରହୁଥିଲା । ୨୦୨୩ ମସିହା ଡିସେମ୍ବର ମାସରେ ଅଭିଯୁକ୍ତ ହରିହର ବ୍ରହ୍ମପୁରରେ ଥିବା ଖବର ପାଇ












ଗୋଷାଣୀନୂଆଗାଁ ପୋଲିସର ମିଳିତ ଉଦ୍ୟମରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ହରିହରକୁ ଗିରଫ କରିବା ସଫଳ ହୋଇଥିଲେ। ଘଟଣାର ଦୀର୍ଘ ୨୮ ବର୍ଷ ପରେ ୨୦୨୩ ଡିସେମ୍ବରରେ ପୁଲିସ ହାତରେ ଧରାପଡ଼ିଥିଲା ଅଭିଯୁକ୍ତ।

ବିଳମ୍ବରେ ହରିହର ଗିରଫ ହେବା ଗୋଟିଏ ଘଟଣା ମାତ୍ର ନୁହେଁ, ଏଭଳି ଆହୁରି ଅନେକ ଘଟଣା ଘଟିଛି ଅତୀତରେ। ଘଟଣାର ବର୍ଷ ବର୍ଷ ପରେ ଅଭିଯୁକ୍ତମାନେ ଗିରଫ ହୋଇଛନ୍ତି। ସେହିପରି ବହୁ ଚର୍ଚ୍ଚିତ ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ ମାମଲାର ମୁଖ୍ୟ ଅଭିଯୁକ୍ତ ବିବନ ଓରଫ୍ ବିବେକାନନ୍ଦ ବିଶ୍ୱାଳ ୨୨ ବର୍ଷ ପରେ ପୁଲିସ ହାତରେ ଧରାପଡ଼ିଥିଲା। ୧୯୯୯ ମସିହା ଅଞ୍ଜନା ଗଣଦୁଷ୍କର୍ମ ମାମଲା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏହାକୁ ନେଇ ସାରା ରାଜ୍ୟରେ ରାଜନୈତିକ ଝଡ଼ ମଧ ଉଠିଥିଲା। ପୂର୍ବରୁ ପୁଲିସ ଦୁଇ ଜଣ ଅଭିଯୁକ୍ତ ଧୀରେନ୍ଦ୍ର ମହାନ୍ତି ଓ ପଦିଆ ସାହୁକୁ ଗିରଫ କରିଥିଲା। ତେବେ ଘଟଣାର ମୁଖ୍ୟ ଆସାମୀ ବିବେକାନନ୍ଦ ବିଶ୍ୱାଳ ଓରଫ୍ ବିବନ ଫେରାର୍ ହୋଇଯାଇଥିଲା। ସେ ପୁଣେ-ଲୋନାୱାଲା ରାସ୍ତାର ଆମ୍ବିଭ୍ୟାଲରେ ପାଣି ପାଇପ୍ ମିସ୍ତ୍ରୀ ଭାବେ କାମ କରୁଥିଲା। ସେପଟେ ପରିବାର ଲୋକେ ବିବନର ମୃତ୍ୟୁ ହୋଇଥିବା ଦର୍ଶାଇ ମୃତ୍ୟୁ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ତେବେ ବିବନ ଜୀବିତ ଥିବା ପୁଲିସର ସନ୍ଦେହ ହୋଇଥିଲା। ତତ୍କାଳୀନ ପୁଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ବିବନକୁ ଧରିବା ପାଇଁ ଅପରେସନ୍ ଆରମ୍ଭ ହୋଇଥିଲା। ଶେଷରେ ୨୦୨୧ ମସିହା ଫେବୃଆରୀରେ ପୁନେ-ଲୋନାୱାଲା ରାସ୍ତାର ଆମ୍ବିଭ୍ୟାଲିରେ ଏକ କମ୍ପାନିରେ ବିବନ କାମ କରୁଥିବାବେଳେ ପୁଲିସ ତାକୁ ଗିରଫ କରିଥିଲା।

ସେହିପରି ଗଞ୍ଜାମ ଜିଲ୍ଲାରେ ଘଟିଥିଲା ଆଉ ଏକ ଘଟଣା। ଜଣେ ଦୁଷ୍କର୍ମ ଅଭିଯୁକ୍ତ ଧରାପଡ଼ିଥିଲା ଘଟଣାର ୧୨ ବର୍ଷ ପରେ। ଗଞ୍ଜାମ ଥାନା ଅନ୍ତର୍ଗତ ଛତ୍ରପୁର ବ୍ଲକ୍ ଅଗସ୍ତି ନୂଆଗାଁରେ। ନୂଆଁଗାଁର ବିନୋଦ ପଲାଇ ଏକ ଦୁଷ୍କର୍ମ ଘଟଣାରେ ସଂପୃକ୍ତ ଥିଲା। ଦୁଷ୍କର୍ମ ଅଭିଯୋଗ ନେଇ ଗଞ୍ଜାମ ଥାନାରେ ଅଭିଯୋଗ ହୋଇଥିଲା। ତେବେ ଘଟଣା ପରେ ସେ ପୁଲିସ ଆଖିରେ ଧୂଳିଦେଇ ଫେରାର୍ ହୋଇଯାଥିଲା। ଘଟଣାର ୧୨ ବର୍ଷ ପରେ ଅର୍ଥାତ୍ ୨୦୨୨ ମସିହା ଡିସେମ୍ବରରେ ବିନୋଦକୁ ଧରିବାର ପୁଲିସ ସଫଳ ହୋଇଥିଲା।

ଆଉ ଏକ ଚାଞ୍ଚଲ୍ୟକର ଘଟଣା ଘଟିଥିଲା ସମ୍ବଲପୁରରେ । ୨୦୧୧ ମସିହାରେ ସମ୍ବଲପୁର ନନ୍ଦପଡ଼ାର ଜୟଶ୍ରୀ ମିଶ୍ର ନାମକ ଜଣେ ମହିଳା ଝିଅ ବାହାଘର ପାଇଁ ନିମନ୍ତ୍ରଣ କାର୍ଡ ବାଣ୍ଟିବାକୁ ଯାଇ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିଲେ। କିନ୍ତୁ ଦୀର୍ଘ ୮ ବର୍ଷ ପରେ ଏହି ନିଖୋଜ ଘଟଣାର ପର୍ଦ୍ଦାଫାସ୍ କରିଥିଲା ସମ୍ବଲପୁର ଟାଉନ ଥାନା ପୁଲିସ। ଅର୍ଥାତ୍ ୨୦୧୯ ମସିହାରେ ଘଟଣାର ଅଭିଯୁକ୍ତ ବସନ୍ତ ପଣ୍ଡାକୁ ପୁଲିସ ଗିରଫ କରିଥିଲା। ମୃତ ଜୟଶ୍ରୀଙ୍କ ସଂପର୍କୀୟ ବସନ୍ତ ପଣ୍ଡା ତାଙ୍କୁ ତଣ୍ଟିଚିପି ହତ୍ୟା କରିଥିଲା। ଏହା ପରେ ଗାତଖୋଳି ମୃତଦେହକୁ ପୋତି ଦେଇଥିଲେ। ଘଟଣା ପରେ ଅଭିଯୁକ୍ତ ବସନ୍ତ ଫେରାର୍ ହୋଇଯାଇଥିଲା। ସେପଟେ ବସନ୍ତଙ୍କ ସହିତ ଜୟଶ୍ରୀ କୁଆଡ଼େ ଫେରାର୍ ହୋଇଯାଇଛନ୍ତି ବୋଲି ଅପପ୍ରଚାର କରାଗଲା। ଏହାକୁ ପୁଲିସ ମଧ ସହଜରେ ବିଶ୍ୱାସ କରିନେଇଥିଲା। ଏକ ନିଖୋଜ ମାମଲା ରୁଜୁ କରି ଚୁପ୍ ରହିଯାଇଥିଲା। ଏ ଘଟଣାର ୮ ବର୍ଷ ପରେ ପୁଲିସ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିଲା। ତେବେ ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନେ ଏବେ ବି ଧରାପଡ଼ି ନାହାନ୍ତି।

ଆଉ ଏକ ଘଟଣା ହେଉଛି ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଅଞ୍ଚଳର। ଦୀର୍ଘ ୧୪ ବର୍ଷ ପରେ ଜଣେ ହତ୍ୟାକାରୀକୁ ପୋଲିସ ଗିରଫ କରିଥିଲା। ୨୦୦୮ ମସିହାରେ ଘଟିଥିବା ଏକ ହତ୍ୟା ଘଟଣାରେ ଅଭିଯୁକ୍ତ ତରଣୀ ଛତ୍ରିଆ ଫେରାର ହୋଇଯାଇଥିଲା। ପୁଲିସ ୧୪ ବର୍ଷ ଧରି ତାକୁ ଖୋଜୁ ଥିଲେ ମଧ ତା'ର କୌଣସି ପତ୍ତା ମିଳୁ ନଥିଲା। କୋର୍ଟ ଅଭିଯୁକ୍ତ ନାମରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲା। ତେବେ ୧୪ ବର୍ଷ ପରେ ୨୦୨୩ ମସିହା ଏପ୍ରିଲରେ ଅଭିଯୁକ୍ତ ତରଣୀ ଗାଁରେ ଥିବା ପୁଲିସ ଖବର ପାଇଥିଲା। ବାଉଁଶୁଣୀ ଥାନା ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଥିଲେ।



ସେହିପରି ୧୦ ବର୍ଷ ପରେ ପୁଲିସ ହାତରେ ଧରାପଡ଼ିଥିଲା ପତ୍ନୀହନ୍ତା ସ୍ୱାମୀ। ଏଭଳି ଘଟଣା ଘଟିଥିଲା ଭଦ୍ରକ ଜିଲ୍ଲା ଧାମନଗର ଥାନା ମୁସ୍ତାଫାପୁର ଗାଁରେ। ମୁସ୍ତାଫାପୁରର ସେକ୍ ଚାନ୍ଦ ବାବୁ ନିଜ ପତ୍ନୀକୁ ଯୌତୁକ ପାଇଁ ହତ୍ୟା କରିଥିଲା। ସେକ୍ ଚାନ୍ଦ ଧାମନଗର କାଜି ମହଲା ଗ୍ରାମର ମୀରାପ୍ୟାରୀଙ୍କ ଝିଅ ଚାନ୍ଦମୁନୀଙ୍କୁ ବିବାହ କରିଥିଲେ। ବିବାହ କିଛି ମାସ ପରେ ଚାନ୍ଦମୁନୀଙ୍କୁ ଯୌତୁକ ନିର୍ଯାତନା ଦେଉଥିବା ସେକ୍ ଚାନ୍ଦ ବାବୁଙ୍କ ନାଁରେ ଅଭିଯୋଗ ହୋଇଥିଲା। ୨୦୧୩ ମସିହା ଡିସେମ୍ବର ମାସରେ ଚାନ୍ଦମୁନୀଙ୍କ ବେକରେ ଶାବଳ ପକାଇ ସେକ୍ ଚାନ୍ଦ ବାବୁ ହତ୍ୟା କରିଥିବା ଧାମନଗର ଥାନାରେ ଅଭିଯୋଗ ହୋଇଥିଲା। ଚାନ୍ଦମୁନୀଙ୍କ ବାପାଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେପଟେ ହତ୍ୟା ଘଟଣା ପରେ ସେକ୍ ଚାନ୍ଦ ବାବୁ ଫେରାର୍ ହୋଇଯାଇଥିଲା। ଦୀର୍ଘ ୧୦ ବର୍ଷ ପରେ ଅର୍ଥାତ୍ ୨୦୨୩ ଅକ୍ଟୋବର ମାସରେ ପୁଲିସ ପତ୍ନୀ ହତ୍ୟାକାରୀ ସେକ୍ ଚାନ୍ଦ ବାବୁକୁ ଗିରଫ କରିବାରେ ସଫଳ ହୋଇଥିଲା।




୨୦୦୮ ଅକ୍ଟୋବର ୧୦ ତାରିଖ। ରାଜଧାନୀ ଭୁବନେଶ୍ୱରରେ ଘଟିଥିଲା ଏକ ଚର୍ଚ୍ଚିତ ହତ୍ୟାକାଣ୍ଡ। ୧୨ ବର୍ଷ ପରେ ଏହି ହତ୍ୟା ମାମଲାର ଅଭିଯୁକ୍ତ ଧରାପଡ଼ିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଭୁବନେଶ୍ୱରରେ ଯୋଜନାବଦ୍ଧ ଭାବେ ଓଡ଼ିଆ ଆଲବମ୍ ନିର୍ଦ୍ଦେଶକ ସୁମନ୍ତ ମହାନ୍ତିଙ୍କୁ ହତ୍ୟା କରାଯାଇଥିଲା। ଏକ ନାଳ ଭିତରୁ ତାଙ୍କ ମୃତଦେହ ଠାବ କରାଯାଇଥିଲା। ସୁମନ୍ତଙ୍କୁ ହତ୍ୟା ପରେ ହତ୍ୟାକାରୀମାନେ ଫେରାର୍ ହୋଇଯାଇଥିଲେ। ଦୀର୍ଘ ୧୨ ବର୍ଷ ପରେ ଅର୍ଥାତ ୨୦୨୧ ମସିହାରେ ପୁଲିସ ରାଜ୍ୟ ବାହାରୁ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିଲା।

ସେହିପରି ଜଣେ ଫେରାର୍ ହତ୍ୟା ଅଭିଯୁକ୍ତକୁ ୩୦ ବର୍ଷ ପରେ ଗିରଫ କରିବାରେ ପୁଲିସ ସକ୍ଷମ ହୋଇଥିଲା। ହତ୍ୟା ଘଟଣାଟି ଘଟିଥିଲା ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅନ୍ତର୍ଗତ ଫୁଲବେଲାରୀ ଗାଁରେ। ପାରାଦୀପର ଏକ ହତ୍ୟା ଘଟଣାର ଅଭିଯୁକ୍ତ ଫୁଲବେଲାରୀ ଗାଁର ଗନ୍ଧର୍ବ ବେହେରା ୧୯୯୩ ମସିହାରୁ ଫେରାର୍ ହୋଇଯାଇଥିଲା। ଗନ୍ଧର୍ବର ଘର ବାଲିକୁଦା ଥାନା ଅଞ୍ଚଳରେ। ତେବେ ସେ ହତ୍ୟା ଘଟଣା ପରେ ପାରାଦୀପରେ ରହୁଥିଲା। ପୁଲିସକୁ ଚକ୍ମା ଦେଇ ଲୁଚି ରହୁଥିଲା। ତା'ର ପ୍ରକୃତ ଠିକଣାକୁ ନେଇ ପୁଲିସ ଦ୍ୱନ୍ଦ୍ୱରେ ରହୁଥିଲା। ୨୦୨୩ ମସିହାରେ ଏପ୍ରିଲ ମାସରେ ଗନ୍ଧର୍ବ ନିଜ ଘର ଫୁଲବେଲାରୀକୁ ଆସିଥିଲା। ଏହି ସମୟରେ ବାଲିକୁଦା ପୁଲିସ କୌଣସି ସୂତ୍ରରୁ ଖବର ପାଇ ଅଭିଯୁକ୍ତ ଗନ୍ଧର୍ବକୁ ଧରିବାରେ ସଫଳ ହୋଇଥିଲା। ପୂର୍ବରୁ କୁଜଙ୍ଗ କୋର୍ଟ ପକ୍ଷରୁ ତା'ର ନା'ରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିଲା।

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅଳପୁଆ ଗଣଦୁଷ୍କର୍ମ ଘଟଣାରେ ଫେରାର୍ ଅଭିଯୁକ୍ତ ଦୁଷ୍ମନ୍ତ ମହାନ୍ତିକୁ ପୁଲିସ ଦୀର୍ଘ ୭ ବର୍ଷ ପରେ ଧରିବାର ସକ୍ଷମ ହୋଇଥିଲା। ୨୦୧୪ ମସିହାରେ ଜଣେ ନାବାଳିକାକୁ କେତେଜଣ ଦୁଷ୍କର୍ମ କରି ଗର୍ଭବତୀ କରିଥିଲେ। ଘଟଣାର ମୁଖ୍ୟ ଅଭିଯୁକ୍ତ ଦୁଷ୍ମନ୍ତ ଫେରାର ହୋଇଯାଇଥିଲା। ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ତେବେ ପୁଲିସକୁ ଚକ୍ମା ଦେଇ ସେ ବର୍ଷ ବର୍ଷ ଧରି ଫେରାର୍ ହୋଇଯାଇଥିଲ। ଶେଷରେ ୨୦୨୧ ମସିହାରେ ବହୁ ଚେଷ୍ଟା ପରେ ବେଙ୍ଗାଲୁରୁରୁ ପଟ୍ଟାମୁଣ୍ଡାଇ ପୁଲିସ ଅଭିଯୁକ୍ତ ଦୁଷ୍ମନ୍ତକୁ ଗିରଫ କରିବାରେ ସଫଳ ହୋଇଥିଲା।

କନ୍ଧମାଳ ଜିଲ୍ଲାରେ ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ୯ ବର୍ଷ ପରେ ଧରିବାରେ ପୁଲିସ ସଫଳ ହୋଇଥିଲା। ୨୦୧୪ ମସିହାରେ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ସିକେରମାଲ ଅଞ୍ଚଳର ଜଣେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବଟପଲ୍ଲୀସାହିର ସୁବ୍ରତ ସିଂ ସଂପୃକ୍ତ ଥିଲା। ଏନେଇ ବ୍ରାହ୍ମଣୀଗାଁ ଥାନାରେ ଅଭିଯୋଗ ହୋଇଥିଲା। ଘଟଣା ପରେ ସୁବ୍ରତ ପୁଲିସକୁ ଚକ୍ମା ଦେଇ ଫେରାର ହୋଇଯାଇଥିଲା। ୨୦୨୩ ମସିହାରେ ବ୍ରାହ୍ମଣୀଗାଁ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଦାରିଙ୍ଗବାଡ଼ି ଥାନା ଅଞ୍ଚଳରୁ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିଲା।

କେବଳ ଓଡ଼ିଶା ନୁହେଁ, ଦେଶର ବିଭିନ୍ନ ଅଞ୍ଚଳରେ ଏଭଳି ଅନେକ ଜଘନ୍ୟ ହତ୍ୟା, ଦୁଷ୍କର୍ମ ମାମଲାର ଅଭିଯୁକ୍ତମାନେ ବର୍ଷ ବର୍ଷ ଧରି ପୁଲିସ ଆଖିରେ ଧୂଳିଦେଇ ଫେରାର୍ ହୋଇଯାଇଥିଲେ। ତେବେ ପୁଲିସ ଓ ଆଇନର କବଳରୁ ବେଶୀ ଦିନ ଦୂରେଇ ପାରିନଥିଲେ। କୌଣସି ନା କୌଣସି ପ୍ରକାରେ ପୁଲିସ ସେମାନଙ୍କୁ ଧରିବାରେ ସଫଳ ହୋଇଥିଲା। ତେଣୁ କୁହାଯାଏ, ଅପରାଧୀ ଯେତେ ଚାଲାକ୍ ହେଉ ନା କାହିଁକି ଦିନେ ନା ଦିନେ ଧରାପଡ଼ିଥାଏ। କାରଣ ଆଇନର ଲମ୍ବା ହାତ ରହିଛି, ଯେ କୌଣସି ପରିସ୍ଥିତିରେ ହେଉ ଅପରାଧୀ ପାଖକୁ ପହଞ୍ଚିବାରେ ସଫଳ ହୋଇଥାଏ।

# ବାରଙ୍ଗ କିଙ୍ଗ୍ ବିବନ

୧୯୯୯ ମସିହାରା ବହୁଚର୍ଚ୍ଚିତ ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ ମାମଲା । ରାଜ୍ୟ ରାଜନୀତି ଓଲଟପାଲଟର ଅଭିସନ୍ଧି । ମାମଲା ରୋଚକ ସେତିକି ରୋମାଞ୍ଚ ସେତିକି । ପୁରୁଣା ସରକାର ଭୁଷୁଡ଼ି ନୂଆ ସରକାର ଗଢ଼ିବାରେ ମୋଡ଼ ଥିଲା ଏହି ଘଟଣା । ଏହି ଗଣଦୁଷ୍କର୍ମ ମାମଲାର ମୁଖ୍ୟ ଅଭିଯୁକ୍ତ ଥିଲା ଆତ୍ମଘୋଷିତ ବିକେ (ବିବେକାନନ୍ଦ ବିଶ୍ୱାଳ ଓ ବିବନ)... ବାରଙ୍ଗ କିଙ୍ଗ୍ । ଗଣଦୁଷ୍କର୍ମ ମାମଲାରେ ବିବନ ଓରଫ୍ ବିବେକାନନ୍ଦ ବିଶ୍ୱାଳ ତା'ର ଦୁଇ ସହଯୋଗୀ ପଦିଆ ସାହୁ ଓ ଧୀରେନ୍ଦ୍ର ମହାନ୍ତି ଓରଫ୍ ଟୁନିଆ ସହ ଜଘନ୍ୟ କାଣ୍ଡ ଘଟାଇବା ପରେ ସମଗ୍ର ରାଜ୍ୟରେ ଏକ ଚର୍ଚ୍ଚିତ ଚେହେରା ପାଲଟି ଯାଇଥିଲା । କିନ୍ତୁ ବିବନ ଅପରାଧ ଘଟାଇବା ପରେ ବିବନ ୩ ଦିନ ବାରଙ୍ଗ ଅଞ୍ଚଳରେ ଲୁଚି ରହିଥିଲା । ପରେ ଟ୍ରେନ୍ ଯୋଗେ ମଧ୍ୟପ୍ରଦେଶ ପଳାଇଥିଲା । ସେଠାରେ କିଛି ବର୍ଷ ରହିବା ପରେ ମହାରାଷ୍ଟ୍ର ପଳାଇଥିଲା । ୨୨ ବର୍ଷର ଲୁଚକାଳି ଖେଳ ପରେ ସେ ଆଉ ଧରାପଡ଼ିବ ବୋଲି ଭାବିନଥିଲା । ଲୋକେ ବି ଭୁଲି ଯାଇଥିଲେ । କିନ୍ତୁ ୨୦୨୧ ମାର୍ଚ୍ଚ ୧୫ରେ ବିବନ ଧରାପଡ଼ିବା ପରେ ଏକପ୍ରକାର ଇତିହାସ ହୋଇଯାଇଥିବା ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ ଘଟଣା ପୁଣି ତାଜା ହୋଇଥିଲା । .

# ୨୨ ବର୍ଷର ଖେଳ ଖତମ୍

ପ୍ରସନ୍ନଜିତ ମହାଳିକ, ଭୁବନେଶ୍ୱର



## ୩ ଅଭିଯୁକ୍ତ ସାଜିଥିଲେ ପିଶାଚ

ଅଞ୍ଜନା ମିଶ୍ର ନିଜ ବନ୍ଧୁଙ୍କ ସହ ଏକ ଢାବାରେ ଚା' ପିଇବା ସମୟରେ ତାଙ୍କୁ ତିନି ଜଣ ଅଭିଯୁକ୍ତ ସେଠାରେ ଦେଖିଥିଲେ । ପରେ ପୀଡ଼ିତା ତାଙ୍କ କାରରେ ଭୁବନେଶ୍ୱର ବାହାରିବା ସମୟରେ ବିବନ, ପଦିଆ ଓ ଟୁନିଆ ଉକ୍ତ କାରଟିକୁ ଅଟକାଇ ଅଞ୍ଜନାକୁ ଅପହରଣ କରିଥିଲେ । ସେଥିରେ ଥିବା ତାଙ୍କ ବନ୍ଧୁଙ୍କୁ ମାଡ଼ ମାରି ତାଙ୍କୁ ନିଜ ସାଥିରେ ନେଇ ଯାଇଥିଲେ । ବେଲଗାଛିଆ ମହଲା ପାଖ ଓ ଭାଲୁକା ଜଙ୍ଗଲରେ ପୀଡ଼ିତାଙ୍କୁ ନେଇ ତାଙ୍କ ସାମ୍ବାଦିକ ବନ୍ଧୁଙ୍କ ସାମ୍ନାରେ ଜଣକ ପରେ ଜଣେ ଦୁଷ୍କର୍ମ କରିଥିଲେ । ପ୍ରାୟ ତିନି ଚାରି ଘଣ୍ଟା ଧରି ପୀଡ଼ିତାଙ୍କ ସହ ଅପରାଧୀମାନେ ଏହି ଜଘନ୍ୟ କାଣ୍ଡ ଘଟଣାଇଥିଲେ । ଏହି ଘଟଣା ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା । ପରେ ସେ କଟକ ମହିଳା ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏତଲା ଆଧାରରେ ୧୯୯୯ ମସିହା ଜାନୁଆରି ୨୬ ତାରିଖରେ ଦୁଇ ଅଭିଯୁକ୍ତ ପଦିଆ ଓ ଟୁନିଆକୁ ଗିରଫ କରାଯାଇଥିଲା । ମାତ୍ର ସେବେଠାରୁ ବିବନ ଓରଫ ବିବେକାନନ୍ଦ ବିଶ୍ୱାଳ ଓରଫ୍ ବିବନ ଫେରାର ହୋଇଯାଇଥିଲା । ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ସିବିଆଇ ୧୯୯୯ ଫେବୃଆରି ୨୬ ତାରିଖରେ ଘଟଣାର ତଦନ୍ତ ଭାର ଗ୍ରହଣ କରିଥିଲା । ଫେରାର ବିବନକୁ ଧରାଇ ଦେଲେ ୫୦ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ସିବିଆଇ ପକ୍ଷରୁ ଘୋଷଣା କରାଯାଇଥିଲା । କିନ୍ତୁ ସେ ସିବିଆଇ ଆଖିରେ ଧୂଳି ଦେଇ ୨୨ ବର୍ଷ ହେଲା ଆତ୍ମଗୋପନ କରିଥିଲା । କମିସନରେଟ୍ ପୁଲିସ ବିବନକୁ ଗିରଫ କରିବା ପରେ ସିବିଆଇକୁ ଦେଇଥିଲେ । ସିବିଆଇ ମାମଲାର ତଦନ୍ତ ଶେଷ କରି ବିବନ ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା ।

## ଟୁନିଆକୁ ଭେଟିବା ପରେ ଖୋଲିଥିଲା ଫାଇଲ୍

୨୨ ବର୍ଷ ହେଲା ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳ ବାହାରେ ବୁଲୁଥିବା ବେଳେ ଅନ୍ୟତମ ଅଭିଯୁକ୍ତ କଟକ ସଦର ଥାନା ଶ୍ୟାମସୁନ୍ଦରପୁର ଅଞ୍ଚଳର ଟୁନିଆ ଓରଫ ଧୀରେନ୍ଦ୍ର ମହାନ୍ତି ୨୨ ବର୍ଷ ହେଲା ଜେଲରେ ଅଛି । ୨୦୧୬ରେ ତା'ର ଖଲାସ୍ ହେବାର ସମ୍ଭାବନା ଥିଲା । ଜେଲରୁ ମୁକୁଳିବା ପାଇଁ ମୋଟ ୨୪ ଜଣଙ୍କ ନାଁ ଦଣ୍ଡସମୀକ୍ଷା ବୋର୍ଡକୁ ସୁପାରିଶ କରାଯାଇଥିଲା । ୧୯୯୯ ମସିହାରେ ଗିରଫ ହୋଇଥିବା ଧୀରେନ୍ଦ୍ର ୧୪ ବର୍ଷରୁ ଅଧିକ ସମୟ ଜେଲ୍ ଦଣ୍ଡ ଭୋଗିଥିବାରୁ ତା' ନାଁ ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡକୁ ଚୌଦ୍ୱାର ଜେଲ୍ର ତତ୍କାଳୀନ ଅଧୀକ୍ଷକଙ୍କ ପକ୍ଷରୁ ସୁପାରିଶ କରାଯାଇଥିଲା । କିନ୍ତୁ ୨୦୧୬ ନଭେମ୍ବର ୧୦ ତାରିଖରେ ବୋର୍ଡ ବୈଠକ ପରେ ତତ୍କାଳୀନ ଆଇନ ବିଭାଗ ସଚିବଙ୍କ ଆବାହକତ୍ୱରେ ଗଠିତ ୬ ଜଣିଆ କମିଟି ଟୁନିଆକୁ ଜେଲ୍ରୁ ଖଲାସ କରିବାରେ ସମ୍ମତି ପ୍ରକାଶ କରି ନଥିଲେ । ସେବେଠାରୁ ଟୁନିଆ ଚୌଦ୍ୱାର ଜେଲ୍ରେ ରହି ଆସିଛି । ୨୦୨୦, ନଭେମ୍ବର ୧୯ରେ ନୟାସଡ଼କ ଆଇଆଇଏଫ୍ଏଲ୍ ଶାଖାରୁ ଡକାୟତ ଘଟଣା ଦିନ ସେତେବେଳର ପୁଲିସ କମିସନର ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ ଚୌଦ୍ୱାର ସର୍କଲ ଜେଲକୁ ଯାଇଥିଲେ । ସେଦିନ ସନ୍ଧ୍ୟାରେ ସେ ଜେଲରେ ଆଜୀବନ ସଜା କାଟୁଥିବା ଟୁନିଆ ମହାନ୍ତିକୁ ଭେଟିଥିଲେ । କମିସନର ଫେରାର ବିବନ ସମ୍ପର୍କରେ ତାକୁ ପଚରାଉଚରା କରିଥିଲେ । ଏବେ ବି ବିବନ ବାହାରେ ଥିବା ସେ ସୂଚନା ଦେଇଥିଲା । ଟୁନିଆଠୁ ଖବର ମିଳିବା ପରେ ପୁଲିସ ବିବନକୁ ଧରିବା ପାଇଁ ୨୨ ବର୍ଷ ତଳର ଫାଇଲ୍ ଘାଣ୍ଟି ଶେଷରେ ସଫଳ ହୋଇଥିଲା ପୁଲିସ ।







## 'ନିରବ ବୋଡ଼ା ସାପ'

୨୨ ବର୍ଷ ପରେ ବହୁଚର୍ଚ୍ଚିତ ଅର୍ଚ୍ଚନା ମିଶ୍ର ମାମଲାର ପୁଣି ଖୋଳତାଡ଼ କରିଥିଲା କମିସନରେଟ୍ ପୁଲିସ । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବିବନ ସ୍ୱାଇଁକୁ ଗିରଫ ପାଇଁ କମିସନରେଟ୍ ପୁଲିସ ପକ୍ଷରୁ ଏକ ଟିମ୍ ଗଠନ କରିଥିଲା । ଏହି ଟିମ୍ଟିର ନାମ 'ସାଇଲେଣ୍ଟ ଭାଇପର୍ ବା ନିରବ ବୋଡା ସାପ' ରଖାଯାଇଥିଲା । ତଦନ୍ତ ଲାଗି ଗଠିତ ଟିମ୍ ଜାଣିବାକୁ ପାଇଥିଲା ଯେ ଉକ୍ତ ମୁଖ୍ୟ ଅଭିଯୁକ୍ତ ଜଣକ ମୁମ୍ବାଇ ପୁଣେ ରାସ୍ତାର ଲୋନାଭାଲାସ୍ଥିତ ଆମ୍ବିଭାଲି ରହୁଥିବାବେଳେ ନିଜର ପରିଚୟ ବଦଳାଇ ନିଜ ନୂଆ ନାମ ଜଳନ୍ଧର ସ୍ୱାଇଁ ରଖି କାମ କରିଆସୁଛି ଏବଂ ନିଜ ପ୍ରକୃତ ପରିଚୟ ବା ଗ୍ରାମ ନାମ ନରଣପୁର ରଖିଥିବା ଜଣାପଡ଼ିଥିଲା । ଏହାସହ ଅତି ଚତୁରତାର ସହ ଅନ୍ୟମାନଙ୍କ ଜରିଆରେ ନିଜ ପରିବାରର ସହ ସମ୍ପର୍କ ରଖିବା ସହ ଆର୍ଥିକ ସହାୟତା ମଧ୍ୟ କରିଆସୁଥିଲା । ଏହାସହ ପରିବାର ଲୋକେ ମଧ୍ୟ ବିବନର ମୃତ୍ୟୁକାଳୀନ୍ ସାର୍ଟିଫିକେଟ୍ ହାସଲ ପାଇଁ ବହୁ ବାର ଚେଷ୍ଟା କରିଥିଲା । କମିସନରେଟ୍ ପୁଲିସର ଏକ ଟିମ୍ ଟିମ ମୁମ୍ବାଇ ଯାଇ ବିବନକୁ ଗିରଫ କରିଥିଲା ।

## ପରିବାର ଲୋକ ବିବନର ସମାଧି ତିଆରି କରିଥିଲେ

ବିବନକୁ ମୃତ ଦର୍ଶାଇବା ପାଇଁ ଯେତେସମ୍ଭବ ପରିବାର ଲୋକେ ଉଦ୍ୟମ କରିଥିଲେ । ଏମିତିକି ବିବନର ଏକ ସମାଧି ନିଜ ବାଡ଼ିରେ ପରିବାର ଲୋକେ କରିଥିଲେ । ସମାଧି ନିକଟରେ ବିବନର ସ୍ତ୍ରୀ ଦୈନିକ ଫୁଲ ଦେଇ ପୂଜା କରୁଥିଲେ । ଯଦିଓ ପୁଲିସ ମଝିରେ ମଝିରେ ତା' ଘରକୁ ଯାଏ, କିନ୍ତୁ ବିବନର ଖୋଜ ଖବର ପାଏ ନାହିଁ । କୁହାଯାଉଛି ଯେ, ବିବନ ବେଳେବେଳେ ଘରକୁ ରାତିରେ ଆସେ । ଦୁଇ ବର୍ଷ ତଳେ ସେ ଘରକୁ ଆସିଥିବା କୁହାଯାଉଛି । ବାରଙ୍ଗରେ ପ୍ରତ୍ୟେକ ବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଅନୁଷ୍ଠିତ ହେଉଥିବା କାର୍ତ୍ତିକେଶ୍ୱର ପୂଜା ଏବଂ ଗାଁ ଡ୍ରାମାକୁ ବି ଆସନ୍ତି । ତାଙ୍କୁ ନରଣପୁରର ନିର୍ଦ୍ଦିଷ୍ଟ କିଛି ଲୋକ ସୁରକ୍ଷା ଯୋଗାଇ ଦିଅନ୍ତି ବୋଲି କୁହାଯାଏ ।



ସଙ୍ଗୀତ ନିର୍ଦ୍ଦେଶକ ସୁମନ୍ତ ମହାନ୍ତି ହତ୍ୟା

# ୧୩ ବର୍ଷ ପରେ ସାଇଲେଣ୍ଟ କିଲର୍





୨୦୦୮ ରେ ସଂଘଟିତ ବହୁ ଚର୍ଚ୍ଚିତ ସଙ୍ଗୀତ ନିର୍ଦ୍ଦେଶକ ସୁମନ୍ତ ମହାନ୍ତି ହତ୍ୟା ମାମଲା ଉପରୁ ହଟିଥିଲା ପରଦା। ଏହି ହତ୍ୟା ମାମଲାରେ ଫେରାର୍ ଥିବା ଅଭିଯୁକ୍ତକୁ ଧରିବା ପରେ ପଡ଼ିଥିଲା ଯବନିକା। ଦୀର୍ଘ ୧୩ ବର୍ଷ ତଳର ଏହି ଘଟଣାରେ ବିକ୍ରମ ଆଦିତ୍ୟ ଜେନାକୁ ଗିରଫ କରାଯାଇଥିଲା। ଏହି ହତ୍ୟା ପଛରେ ପ୍ରତିଶୋଧ ହିଁ ମୁଖ୍ୟ କାରଣ ଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସୁମନ୍ତଙ୍କୁ ହତ୍ୟା କରିଥିଲା। ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରି ୫ ଅଭିଯୁକ୍ତ ମିଶି ସୁମନ୍ତଙ୍କୁ ହତ୍ୟା କରିଥିଲେ। ହତ୍ୟାର ୪୮ ଘଣ୍ଟା ଭିତରେ ହତ୍ୟାରେ ସମ୍ପୃକ୍ତି ରହିଥିବା ମୁଖ୍ୟ ଅଭିଯୁକ୍ତ ମାନସ ରଞ୍ଜନ ବେଦାନ୍ତ ଓରଫ୍ ସାଗର, ସୁନୀଲ କୁମାର ଜେନା, ଶୁଭକାନ୍ତ ଜେନା, ସୁଶୀଲ ସାମନ୍ତରାୟଙ୍କୁ ଗିରଫ କରାଯାଇଥିଲା। କିନ୍ତୁ କୌଶଳକ୍ରମେ ବିକ୍ରମାଦିତ୍ୟ ଜେନା ଫେରାର୍ ହୋଇଯାଇଥିଲେ। ହତ୍ୟାର ୧୩ ବର୍ଷ ପରେ ମାମଲାରେ ଅନ୍ୟତମ ଫେରାର୍ ଅଭିଯୁକ୍ତ ବିକ୍ରମାଦିତ୍ୟକୁ କମିସନରେଟ ପୁଲିସ ଗିରଫ କରି ଘଟଣାରେ ପୂର୍ଣ୍ଣଚ୍ଛେଦ ଆଙ୍କିଥିଲା।

## 'ରାବଣପୋଡ଼ି' ରାତିର ସତକାହାଣୀ

୨୦୦୮ ଅକ୍ଟୋବର ୯ ତାରିଖ। ସେଦିନ ରାଜଧାନୀର ବିଭିନ୍ନ ସ୍ଥାନରେ ହେଉଥିଲା 'ରାବଣପୋଡ଼ି'। ରାଜଧାନୀବାସୀ ଯେତେବେଳେ ରାବଣପୋଡ଼ି ଦେଖିବା ପାଇଁ ବିଭିନ୍ନ ପଡ଼ିଆରେ ଭିଡ଼ ଜମାଇଥିଲେ ଠିକ୍ ସେହି ସମୟରେ ସୁମନ୍ତ ମହାନ୍ତିଙ୍କୁ ହତ୍ୟା କରିବାକୁ ସୁକଳ୍ପିତ ଷଡ଼ଯନ୍ତ୍ର ପ୍ରସ୍ତୁତ ହୋଇଥିଲା। ସୁନୀଲ ଓ ସୁଶୀଲ ସେଦିନ ସୁମନ୍ତଙ୍କୁ ଫୋନ୍ କରି ତାଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଖୁବ୍ ପ୍ରଶଂସା କରିଥିଲେ। ମୁଖ୍ୟ ଅଭିଯୁକ୍ତ ମାନସ ରଞ୍ଜନ ଓ ତା'ର ସାଥୀମାନେ ଏକ ସିଡି ତିଆରି କରିବା ବୋଲି ସୁମନ୍ତଙ୍କୁ କହିଥିଲେ। ସେଇଦିନ ସନ୍ଧ୍ୟାରେ ସୁନୀଲ ଓ ସୁଶୀଲର ଫୋନ୍ କଲ୍ ପାଇ ସୁମନ୍ତ ପୁରୁଣା ଭୁବନେଶ୍ୱର ଗୋବିନ୍ଦେଶ୍ୱର ବ୍ୟାଙ୍କ କଲୋନୀରୁ ବାହାରି ଏକାମ୍ର ଟକିଜ୍ ନିକଟରେ ପହଞ୍ଚି ଯାଇଥିଲେ। ସୁଶୀଲ ଓ ସୁନୀଲ ତାଙ୍କୁ ବମିଖାଲ ଗାଁରେ ଥିବା ଶୁଭକାନ୍ତ ଜେନାର ଜଣେ ସମ୍ପର୍କୀୟଙ୍କ ଘରକୁ ନେଇ ଯାଇଥିଲେ। ସୁନୀଲ ଓ ସୁଶୀଲ କଥାରେ ବିଶ୍ୱାସ କରି ସୁମନ୍ତ ସିଡି ସମ୍ପର୍କରେ କାହାଣୀ ଶୁଣୁଥିବା ବେଳେ; ସେହି ସମୟରେ ଅନ୍ୟ ତିନି ଅଭିଯୁକ୍ତ ବିକ୍ରମାଦିତ୍ୟ ଜେନା, ଶୁଭକାନ୍ତ ଓ ମୁଖ୍ୟ ଅଭିଯୁକ୍ତ ମାନସ ରଞ୍ଜନ ବେଦାନ୍ତ ଓରଫ୍ ସାଗର ତାଙ୍କୁ ବାନ୍ଧି ପକାଇଥିଲେ। ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଧମକଚମକ ଦେବା ଆରମ୍ଭ କରି ଦେଇଥିଲେ। ଜୋର ଜବରଦସ୍ତ ମଦ ପିଆଇବା ସହ ସିଗାରେଟ୍ ଚେଙ୍କ ଦେଇଥିଲେ। ଶରୀରର ଏକାଧିକ ସ୍ଥାନକୁ ହାଣିବା ସହ ୪ ଘଣ୍ଟା ନିର୍ଯାତନା ଦେଇଥିଲେ। ଯନ୍ତ୍ରଣାରେ ଜର୍ଜରିତ ସୁମନ୍ତ ତାଙ୍କୁ ଛାଡ଼ି ଦେବା ପାଇଁ ସମସ୍ତଙ୍କୁ କାକୁତିମିନତି କରିଥିଲେ। କିନ୍ତୁ ମଦ ନିଶାରେ ସମସ୍ତେ ଏମିତି ଚୁର୍ ଥିଲେ ଯେ ସୁମନ୍ତଙ୍କ କଥାକୁ କେହି ଶୁଣିବାକୁ ପ୍ରସ୍ତୁତ ନ ଥିଲେ। ଭୁଜାଲି ଓ ଫାର୍ସାରେ ଚୋଟ ପରେ ଚୋଟ ମାରି ଚାଲିଥିଲେ। ଏକାଧିକ ଚୋଟ ପରେ ପ୍ରଚୁର ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ସୁମନ୍ତଙ୍କ ପ୍ରାଣ ଚାଲି ଯାଇଥିଲା। ୪୮ ଘଣ୍ଟା ଭିତରେ ୪ ଜଣ ଧରାପଡ଼ିଗଲେ। ତେବେ ଏହି ଖବର ପାଇବା ପରେ କେବଳ ବିକ୍ରମାଦିତ୍ୟ ହିଁ ଫେରାର ହୋଇଯିବାକୁ ସମର୍ଥ ହୋଇଥିଲା।

## ପ୍ରତିଶୋଧରୁ ହୋଇଥିଲା ହତ୍ୟା

୨୦୦୧ ମସିହାରୁ ମୁଖ୍ୟ ଅଭିଯୁକ୍ତ ମାନସ ରଞ୍ଜନଙ୍କ ମନରେ ପ୍ରତିଶୋଧର ନିଆଁ ଜଳୁଥିଲା। ମାନସ ସେତେବେଳେ ସଙ୍ଗୀତ ମହାବିଦ୍ୟାଳୟର ଓଡ଼ିଶୀ ନୃତ୍ୟ ବିଭାଗର ଛାତ୍ର ଥିଲା। କମେଣ୍ଟମରାକୁ କେନ୍ଦ୍ର କରି ମାନସ ଓ ପୁରାତନ ଛାତ୍ର ସୁମନ୍ତଙ୍କ ମଧ୍ୟରେ ବଚସା ହୋଇଥିଲା। ମାନସ ମହାବିଦ୍ୟାଳୟ ଫାଟକ ନିକଟରେ ଏକ ଛୁରିରେ ସୁମନ୍ତଙ୍କୁ ଆକ୍ରମଣ କରିଥିଲା। ଏ ନେଇ ସୁମନ୍ତ ଖାରବେଳନଗର ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ମାନସ ଗିରଫ ହୋଇ ଦେଢ଼ମାସ କାଳ ଜେଲରେ ରହିବା ସହ କଲେଜରୁ ବହିଷ୍କୃତ ହୋଇଥିଲା। ଅନ୍ୟପକ୍ଷରେ ସୁମନ୍ତ ସଙ୍ଗୀତ ଓ ଆଲବମ୍ ଜଗତରେ ବେଶ୍ ନାଁ କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରେ ମଧ୍ୟ ତାଙ୍କର ସୁନାମ ଥିଲା। ତେଣୁ ଅଧିକ ପ୍ରତିଶୋଧ ପରାୟଣ ହୋଇ ପଡ଼ିଥିଲା ମାନସ। କଲେଜରୁ ବହିଷ୍କୃତ ହୋଇ ନ ଥିଲେ ସେ ମଧ୍ୟ ତାଙ୍କ ପରି ନାଁ କମାଇଥାନ୍ତା ବୋଲି ଭାବିଥିଲା। ଆଉ ସେବେଠାରୁ ତା ମନରେ ପ୍ରତିଶୋଧର ନିଆଁ ଜଳୁଥିଲା। ଶେଷରେ କଲେଜ ଅପମାନର ୭ ବର୍ଷ ପରେ ଅର୍ଥାତ୍ ୨୦୦୮ ମସିହାରେ ମାନସ ସହଯୋଗୀଙ୍କ ସହ ମିଶି ସୁମନ୍ତଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିଥିଲା।

## ବୈତରଣୀ ନଦୀକୁ ଫିଙ୍ଗି ହତ୍ୟା; ୧୦ ବର୍ଷ ପରେ ବାପା ହାତରେ ହାତକଡ଼ି

ପାରିବାରିକ କଳହକୁ କେନ୍ଦ୍ରକରି ଝିଅକୁ ବୈତରଣୀ ନଦୀରେ ଫିଙ୍ଗିଥିଲା। ଝିଅକୁ ମାରି ବାପା ରାଗଜ୍ୟ ବାହାରକୁ ପଳାଇଥିଲା। ହତ୍ୟାର ୧୦ବର୍ଷ ପରେ ଅଭିଯୁକ୍ତ ବାପା ପ୍ରଶାନ୍ତ ସାହାଣୀକୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ। ୨୦୧୩ ଅଗଷ୍ଟ ମାସରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଫକୀରପୁର ଗାଁର ପ୍ରଶାନ୍ତ ସାହାଣୀ ପାରିବାରିକ କଳହକୁ କେନ୍ଦ୍ର କରି ନିଜ ଝିଅକୁ ନଦୀରେ ଫିଙ୍ଗି ହତ୍ୟା କରିଥିଲା। ପ୍ରଶାନ୍ତ ପତ୍ନୀ ପୂଜା ସହ ଝଗଡ଼ା କରିବା ପରେ ଝିଅକୁ ସାଇକଲରେ ବସାଇ ନଦୀବନ୍ଧକୁ ନେଇଥିଲା। ପରେ ବୈତରଣୀ ନଦୀକୁ ଫିଙ୍ଗି ଦେଇଥିଲା। ଘଟଣା ପ୍ରଘଟ ହେବା ପରେ ପ୍ରଶାନ୍ତ ଫେରାର ହୋଇଯାଇଥିଲା। ପତ୍ନୀ ପୂଜା ଆନନ୍ଦପୁର ଥାନାରେ ଏନେଇ ଏତଲା ଦେଇଥିଲେ। ଆନନ୍ଦପୁର ପୁଲିସ ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ଶେଷରେ ସେ ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଏହି ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। ୧୦ ବର୍ଷ ପରେ ପ୍ରଶାନ୍ତକୁ ମହାରାଷ୍ଟ୍ରର ମୋରୋଦାବାଦରୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ନିଜ ପ୍ୟାନକାର୍ଡ ଓ ବ୍ୟାଙ୍କ ଆକାଉଣ୍ଟ ଡିଟେଲ୍ସକୁ ଯାଞ୍ଚ କରି କ୍ରାଇମବ୍ରାଞ୍ଚ ତାକୁ ୨୦୨୩ ମସିହା ଜୁଲାଇ ୧ ତାରିଖରେ ଗିରଫ କରିଥିଲା। କ୍ରୋଧରେ ପ୍ରଶାନ୍ତ ସାଇକଲରେ ନିଜ ଝିଅକୁ ନେଇ ବୈତରଣୀ ନଦୀବନ୍ଧକୁ ଯାଇ ଉଚ୍ଛୁଳା ନଦୀକୁ ଫିଙ୍ଗିଥିଲା। ■



ଚେନ୍ନାଇରେ ଶାଶୂକୁ ହତ୍ୟା

# ୨୮ ବର୍ଷ ପରେ ବ୍ରହ୍ମପୁରରୁ ଅଭିଯୁକ୍ତ ହାଇଁ ଗିରଫ



୧୯୯୫ ମସିହା ଚେନ୍ନାଇର ଏକ ହତ୍ୟା ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ଅଭିଯୁକ୍ତକୁ ଦୀର୍ଘ ୨୮ ବର୍ଷ ପରେ ପୁଲିସ ଗିରଫ କରିବାରେ ସଫଳ ହୋଇଥିଲା । ଗିରଫ ଅଭିଯୁକ୍ତ ଜଣକ ହେଲେ ହରିହର ପାଟଯୋଶୀ । ଚେନ୍ନାଇର ନାଙ୍ଗାନାଲୁରଠାରେ ହରିହର ତାଙ୍କ ଶାଶୂ ରମା(୪୮)ଙ୍କୁ ହତ୍ୟା କରିଥିଲା । ବ୍ରହ୍ମପୁର ଗୋଷାଣୀନୂଆଗାଁ ପୁଲିସ ଟିମ୍‌ର ସହଯୋଗରେ ଚେନ୍ନାଇ ପୁଲିସ ବ୍ରହ୍ମପୁର ଅନ୍ଧପସରା ରୋଡ୍ ନିକଟସ୍ଥ ଏକ ଆପାର୍ଟମେଣ୍ଟ ନିକଟରୁ ଅଭିଯୁକ୍ତ ହରିହର ପାଟଯୋଶୀକୁ ଗିରଫ କରିଥିବା ଜଣାପଡ଼ିଛି । ଗିରଫ ପରେ ଚେନ୍ନାଇ ପୁଲିସ ସ୍ଥାନୀୟ ଏସିଜେଏମ୍ କୋର୍ଟରେ ହଜାର କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଥିଲା ।

**କ୍ଷୀରସିନ୍ଧୁ ମହାନ୍ତି ଓ ପିଣ୍ଟୁ ବେହେରା, ବ୍ରହ୍ମପୁର**

୧୯୯୪ ମସିହାରେ ହରିହର ଚେନ୍ନାଇର ଏକ କମ୍ପାନୀରେ କାମ କରୁଥିଲେ । ସେଠାରେ କାମ କରୁଥିବା ଇନ୍ଦିରା ନାମକ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ ହୋଇଥିଲା । ପରେ ଉଭୟେ ୧୯୯୪ ମସିହାରେ ବିବାହ କରିଥିଲେ । ବିବାହର କିଛି ବର୍ଷ ଏକାଠି ଦମ୍ପତ୍ୟ ଜୀବନଯାପନ କରିଥିଲେ । ପରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା । ଛୋଟ ଛୋଟ କଥାକୁ ନେଇ ପ୍ରତିଦିନ ଗଣ୍ଡଗୋଳ ହେବାରୁ ଇନ୍ଦିରା ବିବାହ ବିଚ୍ଛେଦ ନେଇ କୋର୍ଟରେ ଆଶ୍ରୟ ନେଇଥିଲେ । ଯାହାକୁ ନେଇ ହରିହର ଉତ୍ତେଜିତ ହୋଇ ନିଜ ପତ୍ନୀଙ୍କୁ ଆକ୍ରମଣ କରିବା ନିମନ୍ତେ ପ୍ରଚେଷ୍ଟା କରୁଥିବା ବେଳେ ନିଜ ଝିଅକୁ ବଞ୍ଚାଇବାକୁ ଯାଇ ତାଙ୍କ ମା' ଆଗକୁ ଆସିଥିଲେ । ଯାହାଫଳରେ ଇନ୍ଦିରାଙ୍କ ମା' ତଥା ଶାଶୂ ରମାଙ୍କୁ ଛୁରାମାଡ଼ କରିଥିଲେ ହରିହର । ଏହାପରେ ନିଜ ପତ୍ନୀ ଓ ଶଳାକୁ ମଧ୍ୟ ଆକ୍ରମଣ କରିଥିଲେ । ଆକ୍ରମଣ କରିବା ପରେ ୧୯୯୫ ମସିହା ଅଗଷ୍ଟ ମାସ ୯ ତାରିଖରେ ହରିହରଙ୍କ ଶାଶୂ ରମାଙ୍କ ମୃତ୍ୟୁ ହୋଇଥିଲା । ହତ୍ୟା କରିବା ପରେ ହରିହର ଚେନ୍ନାଇରୁ କେଉଁଆଡ଼େ ଫେରାର ହୋଇଯାଇଥିଲା ।

ନିଜ ଶାଶୂକୁ ହତ୍ୟା କରିଥିବା ନେଇ ଚେନ୍ନାଇର ଆଦାମ ବକମ୍ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା । ୧୯୯୫ ମସିହାଠାରୁ ଅଭିଯୁକ୍ତ ହରିହର ଚେନ୍ନାଇରୁ ଫେରାର ହୋଇ ଓଡ଼ିଶାର ବିଭିନ୍ନ ସ୍ଥାନ ଓ ସୁରଟରେ ଲୁରି ରହିଥିଲା । ଗଞ୍ଜାମ ଜିଲ୍ଲାର ଆସିକାରେ ଏକ ବନ୍ଧୁଙ୍କ ଘରେ ଲୁଚି ରହିଥିବା ସମୟରେ ୨୦୦୧ ମସିହାରେ ହରିହର ପୁଣି ଜଣେ ମହିଳାଙ୍କୁ ବିବାହ କରିଥିଲା । ପରେ ହରିହର ବ୍ରହ୍ମପୁରର ଏକ ମସଲା କାରଖାନା, କେନ୍ଦ୍ରାପଡ଼ାର ବଜାଜ ବୀମା କମ୍ପାନୀରେ କାମ କରିଥିଲା । ଆଦାମ୍ ବକମ୍ ପୁଲିସର ଟିମ୍ ଦୀର୍ଘ ବର୍ଷ ଧରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ସୁଦ୍ଧା ହରିହରକୁ ଗିରଫ କରିପାରିନଥିଲା । ତେବେ ୨୦୨୩ ମସିହା ଡିସେମ୍ବର ମାସରେ ହରିହର ବ୍ରହ୍ମପୁରରେ ଲୁଚି ରହିଥିବା ନେଇ ଖବର ପାଇବା ପରେ ଚେନ୍ନାଇର ଆଦାମ ବକମ୍‌ର ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ସହରରେ ପହଞ୍ଚି ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନାର ସହାୟତା ନେଇଥିଲା । ଫଳରେ ହରିହରକୁ ଗୋଷାଣୀନୂଆଗାଁ ଥାନା ଅଞ୍ଚଳରୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ କରିବା ପରେ ଅଭିଯୁକ୍ତ ହରିହରର ମେଡିକାଲରେ ଚିକିତ୍ସା କରାଯିବା ପରେ ତାକୁ ସିଜେଏମ୍ କୋର୍ଟରେ ହାଜର କରାଯାଇ ଚେନ୍ନାଇର ଆଦମ ବକମ୍ ପୋଲିସ ରିମାଣ୍ଡରେ ନେଇଥିଲା ।

ସେପଟେ ମା' ରମାଙ୍କ ହତ୍ୟା ପରେ ଅଭିଯୁକ୍ତକୁ ପୁଲିସ ଗିରଫ କରିପାରି ନଥିବାରୁ ପୁଅ ନିଜେ ନିଷ୍ପତ୍ତି ନେଇଥିଲେ ସେ ଆଉ ବିବାହ କରିବେ ନାହିଁ । ମା'ର ହତ୍ୟା ପରଠାରୁ ପୁଅ ବ୍ରହ୍ମପୁର ଓ ଗଞ୍ଜାମ ଜିଲ୍ଲାକୁ ୭ଥର ଆସି ନିଜେ ଖୋଜାଖୋଜି କରି ଯାଇଥିଲା । ଦୀର୍ଘ ୨୮ ବର୍ଷ ପରେ ପୁଲିସକୁ ଏହି ଘଟଣାର ସଫଳତା ମିଳିବା ପରେ ଏହି ଖବର ମୃତ ରମାଙ୍କ ପୁଅକୁ ଖବର ଦେବା ପାଇଁ ବ୍ରହ୍ମପୁର ଏସ୍‌ପି ଚେନ୍ନାଇ ପୁଲିସକୁ କହିଥିଲେ ।





# ଦୁଇଟି ହତ୍ୟା ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଦୁଇଟି ହତ୍ୟା ମାମଲାରେ ସମ୍ପୃକ୍ତ ଥାଇ ଦୀର୍ଘ ବର୍ଷ ଧରି ଫେରାର ଥିବା ଅଭିଯୁକ୍ତକୁ ଧରିବା ପାଇଁ ଗୋଷାଣୀନୂଆଗାଁ ଥାନା ପୁଲିସ ଜାଲ ବିଛାଇ ରଖିଥିଲା । ୧୯ ମଇ ୨୦୨୩ ସେସନ୍ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ନେହେରୁ ନଗର ୧୦ମ ଲାଇନ୍ ସ୍ଥିତ ଫେରରା ଅଭିଯୁକ୍ତ ଶଙ୍କର ବେହେରାଙ୍କ ବାସଭବନରୁ ସମ୍ପତ୍ତି ଜବତ କରିଥିଲା । ଏହି ଖବର ପାଇଁ ଶଙ୍କର ବିଳମ୍ବିତ ରାତିରେ ପରିବାର ସଦସ୍ୟଙ୍କୁ ଦେଖା କରିବାକୁ ଆସି ବିଶ୍ରାମ ନେଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଗୋଷାଣୀନୂଆଗାଁ ଥାନା ପୁଲିସ ସେଠାରେ ପହଞ୍ଚି ତାଙ୍କୁ ଉଠେଇ ନେଇଥିଲା । ଜାମିନ ବିହୀନ ଗିରଫ ପରୱାନା ବଳରେ ଶଙ୍କରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା ।




## ସଂପତ୍ତି ବାଜ୍ୟାପ୍ତ

ସମ୍ପତ୍ତି ବାଜ୍ୟାପ୍ତି ପରେ ବାହାରେ ଲୁଚିରହିଥିବା ଶଙ୍କର ନିଶ୍ଚୟ ତାଙ୍କ ସ୍ତ୍ରୀ ପିଲା ଛୁଆ ଓ ନିଜ ପରିବାରଙ୍କୁ ଭେଟିବାକୁ ଆସିବ ବୋଲି ପୁଲିସ ଅନୁମାନ କରି ପୂର୍ବରୁ ଜାଲ ବିଛାଇ ରଖିଥିଲା । ବିଳମ୍ବିତ ରାତ୍ରରେ ଶଙ୍କର ଘରକୁ ଆସିଥିବା ଖବର ପୁଲିସ ପାଇ ସକାଳୁ ଶଙ୍କରଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା । ସୂଚନାଯୋଗ୍ୟ ଯେ, ପୂର୍ବ ଶତ୍ରୁତାରୁ କେନ୍ଦ୍ର କରି ୨୦୦୬ ମସିହା ଅକ୍ଟୋବର ୭ ତାରିଖରେ ବ୍ରହ୍ମପୁର ରେଲଷ୍ଟେସନ କାଳୀ ମନ୍ଦିର ନିକଟରେ ଗଣେଶ ନାୟକଙ୍କୁ ଶଙ୍କର ଓ ତାଙ୍କର କିଛି ସହଯୋଗୀ ହତ୍ୟା କରିଥିଲେ । ଏ ନେଇ ରେଳବାଇ ପୁଲିସ ଏକ ମାମଲା ରୁଜୁ କରି ଶଙ୍କରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରେ ସେ ଜାମିନରେ ଆସିଥିଲେ । ଏହା ପରଠାରୁ ଶଙ୍କର କୋର୍ଟ ଧାର୍ଯ୍ୟ କରିଥିବା ତାରିଖରେ କୋର୍ଟରେ ଉପସ୍ଥିତ ହୋଇନଥିଲେ ।

ବାରମ୍ବାର କୋର୍ଟ ନୋଟିସ୍ ପରେ ମଧ ଶଙ୍କର କୋର୍ଟରେ ଉପସ୍ଥିତ ହୋଇନଥିଲେ । ତେଣୁ ଶଙ୍କର ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା କୋର୍ଟ ଜାରି କରିଥିଲେ । ହେଲେ ଶଙ୍କର ଏହି ନିର୍ଦ୍ଦେଶକୁ ଅବମାନନା କରି ଚାଲିଥିଲା । ଶେଷରେ ଗଞ୍ଜାମ ଜିଲ୍ଲା ଓ ଦୌରାଜଜ୍ ତାଙ୍କ ବିରୋଧରେ ସେସନ୍ସ ଟ୍ରାଏଲ ନଂ.୨୧୬/୨୦୦୯ ଜାରି କରିଥିଲେ । ୨୦୧୩ ମସିହାରେ ଜାନୁଆରୀ ୨ ରେ ଗୋଷାଣୀନୂଆଗାଁ ଥାନା ଅଞ୍ଚଳର ଦୁର୍ଦ୍ଦାନ୍ତ ଅପରାଧୀ ଶାନ୍ତି ମିଶ୍ର ହତ୍ୟାଙ୍କୁ ହତ୍ୟା କରାଯାଇଥିଲା । ଏହି ମାମଲାରେ ଶଙ୍କର ସମ୍ପୃକ୍ତି ଥିବା ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିଲେ । ୨୦୧୬ ମସିହାରେ ଶଙ୍କରଙ୍କୁ ଜାମିନ ମିଳିଥିଲା । ଗଣେଶ ନାୟକ ହତ୍ୟା ମାମଲାର ବିଚାରଣା ବେଳେ କୋର୍ଟରେ ହାଜର ହୋଇନଥିଲେ । ଦୀର୍ଘଦିନ ଧରି କୋର୍ଟରେ ଚାଲିଥିବା ମାମଲାର ବିଚାରଣା ବେଳେ ଶଙ୍କର ସହଯୋଗ ନ କରିବାରୁ ତାଙ୍କ ବିରୋଧରେ କୋର୍ଟ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲା । ସେହି ସମୟରେ ପୁଲିସ ଶଙ୍କରଙ୍କୁ ଧରିପାରିନଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ କୋର୍ଟ ଶଙ୍କରଙ୍କୁ ପଳାତକ ଘୋଷଣା କରିଥିଲେ । ଏହା ସତ୍ତ୍ୱେ ମଧ ଶଙ୍କର କୋର୍ଟରେ ଆତ୍ମସମର୍ପଣ କରିନଥିଲେ । ଶେଷରେ କୋର୍ଟ ଶଙ୍କରଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ପୁଲିସକୁ ନିର୍ଦ୍ଦେଶ ହୋଇଥିଲା । ଏସ୍‌ପି ଶ୍ରୀ ବିବେକ ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଏସଡ଼ିପିଓଙ୍କ ନେତୃତ୍ୱରେ ଏକ ପୁଲିସ୍ ଟିମ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଶଙ୍କରଙ୍କ ସମ୍ପତ୍ତି ଯଥା ଟିଭି, ଫ୍ରିଜ, ୱାସିଂମେସିନ୍, ଏକାଧିକ ଗ୍ୟାସ୍ ସିଲିଣ୍ଡର ସମେତ ଅନ୍ୟାନ୍ୟ ସାମଗ୍ରୀ ପୁଲିସ ଜବତ କରି ରେକର୍ଡ କରିଥିଲା ।



# ସବ୍ ଇନ୍ସପେକ୍ଟର ହତ୍ୟାକାଣ୍ଡରେ ଫେରାର ଅଭିଯୁକ୍ତ ଗିରଫ

ଶେରଗଡ଼ ଫାଣ୍ଡି ଅଧିକାରୀ ତଥା ସବ୍ ଇନ୍ସପେକ୍ଟର ମନୋରଞ୍ଜନ ମିଶ୍ର ହତ୍ୟାକାଣ୍ଡ ଘଟଣାର ଦୀର୍ଘ ଦିନ ଧରି ଫେରାର ଥିବା ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ସମୀର ପଣ୍ଡାକୁ ବ୍ରହ୍ମପୁର ଗୋଲାପଲ୍ଲୀ ସାହି ସ୍ଥିତ ପୂଜା ଲଜରୁ କାବୁ କରିଥିଲା ବ୍ରହ୍ମପୁର ପୁଲିସ । ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନା ଅଧିକାରୀ ସୁରେଶ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଲଜ୍‌ରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ରୁମ ନଂ ୩୦୫ରେ ସମୀର ପଣ୍ଡା ଶୋଇଥିଲା । ଏହି ଟିମ୍ ସମୀରକୁ ଉଠାଇଆଣିବା ବେଳେ ସେ ପୁଲିସକୁ ଫାଙ୍କି ଦେଇ ଚମ୍ପଟ ମାରିବାକୁ ବସିଥିଲା । କିନ୍ତୁ ସମ୍ଭବ ହୋଇନଥିଲା । ସମୀର ୨୦୨୩ ନଭେମ୍ବର ୩୦ ତାରିଖରୁ ଏହି ପୂଜା ଲଜ୍‌ରେ ରହିଥିବା ଲଜ ସୂତ୍ରରୁ ଜଣାପଡ଼ିଥିଲା । କୌଣସି ସୂତ୍ରରୁ ଖବର ପାଇ ବ୍ରହ୍ମପୁର ପୁଲିସ ଅଭିଯୁକ୍ତ ସମୀର ପଣ୍ଡାକୁ କାବୁ କରି ଶେରଗଡ଼ ଥାନା ପୁଲିସକୁ ହସ୍ତାନ୍ତର କରିଥିଲା । ସୂଚନାଯୋଗ୍ୟ ଯେ' ୨୦୧୦ ମସିହା ନଭେମ୍ବର ୨୬ତାରିଖ ରାତିରେ ପେଟ୍ରୋଲିଂ କରୁଥିବା ବେଳେ ଶେରଗଡ଼ ଫାଣ୍ଡି ଅଧିକାରୀ ମନୋରଞ୍ଜନ ମିଶ୍ରଙ୍କ ସହିତ କିଛି ଯୁବକଙ୍କର ବଚସା ହୋଇଥିଲା । ଏହି ସମୟରେ ହଠାତ୍ ଉତ୍ତ୍ୟକ୍ତ ହୋଇ ଯୁବକମାନେ ପୁଲିସ ଅଧିକାରୀ ମନୋରଞ୍ଜନ ମିଶ୍ରଙ୍କୁ ଗୁଳି କରି ହତ୍ୟା କରିଥିଲେ ।



ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସୁଶାନ୍ତ ବେହେରା, ସୁନୀଲ ପାଣିଗ୍ରାହୀ ଓରଫ୍ ସୁନୀଲ ବେହେରା ଓ ସମୀର ପଣ୍ଡାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାଟି ଆସିକା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ପି.କେ. ଚୌଧୁରୀଙ୍କ କୋର୍ଟରେ ଚାଲୁରହିଥିଲା । ଘଟଣାର ଦୀର୍ଘ ୧୩ ବର୍ଷ ପରେ ଅର୍ଥାତ୍ ଗତ ୨୦୨୩ ନଭେମ୍ବର ୧୫ ତାରିଖରେ ଏହି ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଥିଲା । ମାମଲାର ବିଚାରଣା ବେଳେ ମୋଟ ୨୨ ଜଣ ସାକ୍ଷ୍ୟଙ୍କ ବୟାନ ରେକର୍ଡ କରାଯାଇଥିଲା । ସାକ୍ଷ୍ୟପ୍ରମାଣ ଅଭାବରୁ ସୁନୀଲ ପାଣିଗ୍ରାହୀ ଓରଫ୍ ସୁନୀଲ ବେହେରାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତ ସୁଶାନ୍ତ ବେହେରାକୁ ଉପଯୁକ୍ତ ସାକ୍ଷ୍ୟପ୍ରମାଣ ବଳରେ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ କୋର୍ଟ । ତେବେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସମୀର ପଣ୍ଡା ସୁପ୍ରିମ କୋର୍ଟଙ୍କଠାରୁ ସର୍ତ୍ତମୂଳକ ଜାମିନ ପାଇ ଜେଲରୁ ମୁକୁଳି ଥିବାବେଳେ ରାୟ ପ୍ରକାଶ ଦିନ କୋର୍ଟରେ ହାଜର ନହୋଇ ଫେରାର ହୋଇଯାଇଥିଲା । ଫଳରେ କୋର୍ଟ ଫେରାର ଅଭିଯୁକ୍ତ ସମୀର ପଣ୍ଡା ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲା । ■



ବାହାଘର ପାଇଁ ନିମନ୍ତ୍ରଣ ପତ୍ର ବାଣ୍ଟିବାକୁ ଯାଇଥିଲେ । ମାତ୍ର ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିଲେ ସମ୍ବଲପୁର ନନ୍ଦପଡ଼ାର ଜୟଶ୍ରୀ ମିଶ୍ର । ୨୦୧୧ ମସିହାରେ ୫୦ ବର୍ଷୀୟ ଏହି ମହିଳାଙ୍କ ନିଖୋଜ ଘଟଣାରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଥିଲେ । ସେପଟେ ନାନା ଅପବାଦ ପରିବାର ଲୋକଙ୍କୁ ମୁଣ୍ଡେଇବାକୁ ପଡ଼ିଥିଲା । ଜଣେ ସଂପର୍କୀୟଙ୍କ ସହ ସେ କୁଆଡ଼େ ଫେରାଇ ହୋଇଯାଇଛନ୍ତି ବୋଲି ପ୍ରଚାର ହେଲା । ସ୍ୱାଭାବିକ ଭାବେ ପରିବାର ଲୋକଙ୍କୁ ଖୁବ୍ ବାଧି ଥିଲା । କିନ୍ତୁ ଝିଅ ବାହାଘର ପାଇଁ କାର୍ଡ ବାଣ୍ଟିବାକୁ ଯିବା ବେଳେ ଜୟଶ୍ରୀ କାହା ସହ ପଳାଇବେ, ତାହାକୁ ବିଶ୍ୱାସ କରିପାରୁନଥିଲେ ପରିବାର ଲୋକେ । ଏନେଇ ସେମାନେ ପୁଲିସର ଦ୍ୱାରସ୍ଥ ହୋଇଥିଲେ । ମାତ୍ର ପୁଲିସ ବି ଶୁଣାକଥାକୁ ବିଶ୍ୱାସ କରି ହାତ ବାନ୍ଧି ବସିଲା । ଦିନ ଗଡ଼ିଚାଲିଲା । ସେପଟେ ମା' ମୁଣ୍ଡରେ ଲାଗିଥିବା ଅପବାଦକୁ ଦୂର କରିବା ଲାଗି ଲଗାତାର ସଂଘର୍ଷ ଜାରି ରଖି ତାଙ୍କ ଝିଅ ଶେଷରେ ସଫଳ ହୋଇଥିଲେ । ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା । ଏହି ଘଟଣାର ଅଭିଯୁକ୍ତକୁ ଦୀର୍ଘ ୮ ବର୍ଷ ପରେ ପୁଲିସ ଗିରଫ କରିବାରେ ସଫଳ ହୋଇଥିଲା ।

**ଶୁଭାଶିଷ ପାଢ଼ୀ**, ସମ୍ବଲପୁର



# ନିଖୋଜରୁ ହତ୍ୟାକାଣ୍ଡ ଘଟଣା

# ୮ ବର୍ଷ ପରେ ହତ୍ୟାକାରୀ ଗିରଫ



## ୪୦ ହଜାର ଟଙ୍କା ପାଇଁ ଜୟଶ୍ରୀଙ୍କୁ ହତ୍ୟା

ସୁଖଦୁଃଖରେ ଚାଲିଥିଲା ଜୟଶ୍ରୀଙ୍କ ପରିବାର । ୨୦୧୧ ମସିହାରେ ବଡ଼ ଝିଅର ବିବାହ ସ୍ଥିର ହୋଇଥିଲା । ଉଭୟ ମା' ଓ ବାପାଙ୍କ ଭୂମିକା ନିର୍ବାହ କରୁଥିଲେ ଜୟଶ୍ରୀ । ତାଙ୍କ ଖୁସିର ଠିକଣା ନଥିଲା । ବାହାଘର ଆୟୋଜନରେ ଲାଗି ପଡ଼ିଥିଲେ । ୨୦୧୧ ନଭେମ୍ବର ୨୫ ତାରିଖରେ ଜୟଶ୍ରୀ ଝିଅ ବାହାଘର ନିମନ୍ତ୍ରଣ ପତ୍ର ଦେବା ପାଇଁ ଦୂର ସମ୍ପର୍କୀୟ ଭିଣୋଇ ବସନ୍ତ ପଣ୍ଡାଙ୍କ ଘରକୁ ଯାଉଥିଲେ । ରାସ୍ତାରେ ବସନ୍ତଙ୍କ ନିଜ ବାଇକ୍‌ରେ ବସାଇ ଜୟଶ୍ରୀଙ୍କୁ ନିଜ ଘରକୁ ନେଉଥିଲେ । ପୂର୍ବରୁ ଜୟଶ୍ରୀ ଉଧାର ଦେଇଥିବା ୪୦ ହଜାର ଟଙ୍କା ବସନ୍ତଙ୍କୁ ଫେରାଇ ଦେବା । ପାଇଁ କହିଥିଲେ । ଏହି ଟଙ୍କାକୁ ନେଇ ଉଭୟଙ୍କ ଭିତରେ ଯୁକ୍ତିତର୍କ ହୋଇଥିଲା । ଟଙ୍କା ଫେରାଇବାକୁ ଚାହୁଁ ନଥିବା ବସନ୍ତ ଉତ୍ତ୍ୟକ୍ତ ହୋଇ ଜୟଶ୍ରୀଙ୍କ ତଣ୍ଟିଚିପି ହତ୍ୟା କରିଥିଲେ । ଚାଉଁରପୁର ନିକଟସ୍ଥ ବଡ଼ସିହାରିଠାରୁ କିଛି ଦୂରରେ ମୃତଦେହ ପୋତି ଫେରାର ହୋଇ ଯାଇଥିଲେ । ଏହି ଘଟଣା ସେତେବେଳେ ସମ୍ବଲପୁର ଅଞ୍ଚଳରେ ଚହଳ ପକାଇ ଦେଇଥିଲା । ପରିବାର ଲୋକେ ଜୟଶ୍ରୀଙ୍କ ନିଖୋଜ ସଂପର୍କରେ ଥାନାରେ ଏତଲା ଦେଇଥିଲେ । ଏନେଇ ୨୦୧୧ ମସିହାରେ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ଥାନାରେ ଏତଲା ଦିଆଯାଇ ଥିଲା ସତ ମାତ୍ର ଘଟଣା ନେଇ କୌଣସି ପ୍ରକାର ତଦନ୍ତ କରାଯାଇନଥିଲା । ବରଂ ଜୟଶ୍ରୀ ବସନ୍ତଙ୍କ ସହିତ କୁଆଡ଼େ ଚାଲି ଯାଇଥିବା ନେଇ ଅପବାଦ ଖେଳାଇ ଦିଆଯାଇଥିଲା ।



୨ ଝିଅ ଓ ଗୋଟିଏ ପୁଅକୁ ନେଇ ଜୟଶ୍ରୀ ମିଶ୍ରଙ୍କ ପରିବାର । ୨୦୧୧ ମସିହାରେ ସମ୍ବଲପୁର ନନ୍ଦପଡ଼ାର ଜୟଶ୍ରୀ ନିଖୋଜ ଘଟଣାକୁ ନେଇ ସାରା ଜିଲ୍ଲାରେ ଚର୍ଚ୍ଚା ଲାଗିରହିଥିଲା । ଝିଅ ବିବାହ କାର୍ଡ ବାଣ୍ଟିବାକୁ ଯାଇ ଫେରିନଥିଲେ ଜୟଶ୍ରୀ । ସେ କେଉଁ ପୁରୁଷ ସହିତ କେଉଁ ଆଡ଼େ ଫେରାର ହୋଇଯାଇଥିବା ଚର୍ଚ୍ଚା ହୋଇଥିଲା । ତେବେ ଜୟଶ୍ରୀ କୁଆଡ଼େ ଫେରାର ହୋଇନଥିଲେ । ବରଂ ତାଙ୍କୁ ହତ୍ୟା କରି ପୋତି ଦିଆଯାଇଥିଲା ବୋଲି ବହୁ ବର୍ଷ ପରେ ପୁଲିସ ଜାଣିବାକୁ ପାଇଥିଲା । ଘଟଣାର ୮ ବର୍ଷ ପରେ ହତ୍ୟାକାରୀ ବସନ୍ତ ପଣ୍ଡାଙ୍କୁ ପୁଲିସ ଗିରଫ କରିଥିଲା । ବସନ୍ତ ହେଉଛନ୍ତି ଜୟଶ୍ରୀଙ୍କ ଦୂର ସଂପର୍କୀୟ । ମାତ୍ର ୪୦ ହଜାର ଟଙ୍କା ପାଇଁ ଜୟଶ୍ରୀଙ୍କୁ ବସନ୍ତ ହତ୍ୟା କରିଥିଲେ । ଏହି ସଂପର୍କରେ ପ୍ରମାଣ ପାଇବା ପରେ ବସନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ବସନ୍ତଙ୍କ ବିରୋଧରେ ୩୬୪. ୩୦୨, ୨୦୧, ୧୨୦-ବି ଦଫାରେ ମାମଲା ରୁଜୁ କରାଯାଇଛି ।

## ପୁଲିସର ଅବହେଳା, ଦଣ୍ଡ ଦେବ କିଏ ?

ଜୟଶ୍ରୀ ନିଖୋଜ ମାମଲାରେ ତତ୍କାଳୀନ ଟାଉନ ଥାନା ଅଧିକାରୀ ଘଟଣାର ଖୋଳତାଡ଼ ନକରି ଚୁପ୍ ହୋଇ ବସି ଯାଇଥିଲେ । ବିଭିନ୍ନ ସମୟରେ ଜୟଶ୍ରୀଙ୍କ ଝିଅ ବିଜୟିନୀ ମିଶ୍ର ଏ ନେଇ ଟାଉନ ଥାନା ଦ୍ୱାରସ୍ଥ ହେଉଥିଲେ । କିନ୍ତୁ ତାଙ୍କୁ ମଧ୍ୟ ଗାଳିଗୁଲଜ କରାଯାଉଥିଲା । ୮ ବର୍ଷ ଧରି ବିଜୟିନୀ ସମ୍ବଲପୁର ଏସ୍‌ପିଙ୍କଠାରୁ ଆରମ୍ଭ କରି ଆଇଜି, ଡିଜି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଶୁଣିନଥିଲେ । ଶେଷରେ ସେ ଏ ନେଇ ଆଇଟିଆଇରେ ତଥ୍ୟ ମାଗିଥିଲେ । ଏହାପରେ ଏସ୍‌ଡିପିଓ ଏହି ମାମଲାର ତଦନ୍ତ ଭାର ଗ୍ରହଣ କରିବା ସହ ଘଟଣାର ପର୍ଦ୍ଦାଫାସ କରିଥିଲେ । କିନ୍ତୁ ଏହି ଅବହେଳା ପାଇଁ ସଂପୃକ୍ତ ପୁଲିସମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ କି ବୋଲି ପ୍ରଶ୍ନ ଉଠିଛି ।



## 'ମାଆ ମୁଣ୍ଡରୁ ଅପବାଦ ହଟିଲା' : ବିଜୟିନୀ ମିଶ୍ର

ଝିଅ ବିବାହ କାର୍ଡ ବାଣ୍ଟିବାକୁ ଯାଇଥିବା ମା' ଅନ୍ୟ ପୁରୁଷଙ୍କ ସହିତ ଫେରାର ହେବା ଘଟଣା ଅବିଶ୍ୱନୀୟ ହୋଇଥଲେ ମଧ୍ୟ ତାଙ୍କ ପରିବାରକୁ ବର୍ଷ ବର୍ଷ ଧରି ଅପବାଦ ଶୁଣିବାକୁ ମିଳିଥିଲା  ବୋଲି ଜୟଶ୍ରୀଙ୍କ ଝିଅ ବିଜୟିନୀ ମିଶ୍ର ଅତ୍ୟନ୍ତ କୋହଭରା କଣ୍ଠରେ କହନ୍ତି । ଏହି ଦୁଃଖଦ ସମୟରେ ସମ୍ପର୍କୀୟମାନେ ମଧ୍ୟ ହାତ ଛାଡ଼ି ଦେଇଥିଲେ । ଆଜି ଘଟଣା ଉପରୁ ପର୍ଦ୍ଦାଫାସ୍ ହୋଇଥିବାରୁ ମା' ମୁଣ୍ଡରୁ ଅପବାଦ ହଟି ଯାଇଛି । ତେବେ ଏଥିପାଇଁ ଆମକୁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା ।  ୨୦୧୧ ମସିହାରେ ଯଦି ପୁଲିସ ଆମ କଥାକୁ ଗୁରୁତର ସହିତ ନେଇଥାନ୍ତା, ଏଭଳି ସ୍ଥିତି  ହୋଇଥାଆନ୍ତା । ଅଭିଯୁକ୍ତକୁ କଠୋଇ ଦଣ୍ଡ ଦିଆଯିବା ଉଚିତ ବୋଲି ଜୟଶ୍ରୀଙ୍କ ଝିଅ ବିଜୟିନୀ କହିଛନ୍ତି ।



## ଆର୍‌ଟିଆଇ ତଥ୍ୟ ଜୟଶ୍ରୀ ହତ୍ୟା ଘଟଣାର ଗୁମର ଖୋଲିଲା







ଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ରେ ପିଏଚ୍‌ଡି ଛାତ୍ରୀ ଜୟଶ୍ରୀଙ୍କ ଝିଅ ବିଜୟିନୀ ମିଶ୍ର । ସେ ସମୟରେ ସୂଚନା ଆଇନ ବଳରେ ତାଙ୍କ ମା'ଙ୍କ ନିଖୋଜ ନେଇ ଡିଜି ଅଫିସରୁ ତଥ୍ୟ ମାଗିବା ପରେ ଗୋଟିଏ ପରେ ଗୋଟିଏ ଗୁମର ଖୋଲିଥିଲା । ମା' ଜୟଶ୍ରୀ ମିଶ୍ରଙ୍କ ହତ୍ୟାକାରୀ ଗିରଫ ହୋଇଥିଲେ । ବୁର୍ଲା ଥାନା ବଡ଼ସିଙ୍ଘାରି ଗାଁରୁ ମୃତକଙ୍କ ଖପୁରି ଓ ହାଡ଼ ଆଦି ଦେହାବଶେଷକୁ ପୋଲିସ ଜବତ କରଥିଲା । ଜୟଶ୍ରୀଙ୍କ ସମ୍ପର୍କୀୟ ଭିଣୋଇ ତଥା ଅଭିଯୁକ୍ତ ବଡ଼ସିଙ୍ଘାରି ଗ୍ରାମର ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ଜେସିବିରେ ମାଟି ଖୋଳା ହୋଇଥିଲା । ସେହିପରି ମୃତ ଜୟଶ୍ରୀଙ୍କୁ ପୋତିବା ସମୟରେ ମାଟି ଖୋଳିବାରେ ସହଯୋଗ କରିଥିବା ସେହି ଗ୍ରାମର ଚୈତନ୍ୟ କୁଅଁରଙ୍କୁ ମଧ୍ୟ ପୋଲିସ ସେଠାକୁ ନେଇଥିଲେ । ପ୍ରାୟ ୪ ଘଣ୍ଟା ପରେ ଖପୁରି ଓ ଅଣ୍ଟା ହାଡ଼ର କିଛି ଅଂଶକୁ ଉଦ୍ଧାର କରିଥିଲା । ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍, ଫରେନସିକ୍ ଟିମ୍ ଓ ଜୟଶ୍ରୀଙ୍କ ଝିଅ ବିଜୟିନୀ ଉପସ୍ଥିତ ରହିଥିଲେ । ଫରେନ୍‌ସିକ ଯାଞ୍ଚ୍ ପରେ ଡିଏନ୍‌ଏ ଟେଷ୍ଟ ପାଇଁ ଏସବୁ ଦେହାବଶେଷକୁ ଭୁବନେଶ୍ୱର, ହାଇଦ୍ରାବାଦ ପଠା ଯାଇଥିଲା । ଚୈତନ୍ୟ ଅଭିଯୁକ୍ତ ବସନ୍ତଙ୍କ ଘରେ ସେ ସମୟରେ ମଜୁରିଆ ଭାବେ କାମ କରୁଥିବାରୁ ମାଟି ଖୋଳିଥିଲେ । ମାଟି ଭିତରେ ମୂଲ୍ୟବାନ ପଥର ଅଛି ବୋଲି ଖୋଜିବାକୁ ଅଛି କହି ଅଭିଯୁକ୍ତ ବସନ୍ତ ଗାତ ଖୋଳାଇ ଥିଲା । ହେଲେ କୌଣସି ପଥର ନ ମିଳିବାରୁ ଚୈତନ୍ୟଙ୍କୁ ୨ଶହ ଟଙ୍କା ମଜୁରି ଦେଇଥିଲେ । ସେ ଗାତ ଖୋଳି ଚାଲି ଯାଇଥିଲେ । ଦୁଇ ଦିନ ପରେ ରତ୍ନପଥର ପାଇବା ଲୋଭରେ ଚୈତନ୍ୟ ସେହି ସ୍ଥାନକୁ ଆସି ଗାତ ବନ୍ଦଥିବା ଦେଖିବାକୁ ପାଇଥିଲେ । ପରେ ସେ ମାଟି ଖୋଳିବାରୁ ଗାତରେ ଜଣେ ମହିଳାଙ୍କ ମୃତଦେହ ପୋତା ଯାଇଥିବା ଦେଖି ବସନ୍ତଙ୍କୁ ପଚାରିଥିଲେ । ହେଲେ ବସନ୍ତ ତାଙ୍କୁ ଧମକ ଦେଇ ଚୁପ୍ ରହିବାକୁ କହିଥିଲେ ।

### ଘଟଣାକ୍ରମ

୨୦୧୧ ନଭେମ୍ବର ୧୧ ତାରିଖରେ ବଡ଼ଝିଅ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିମନ୍ତ୍ରଣ କରିବା ପାଇଁ ଜୟଶ୍ରୀ ବଡ଼ସିଂହାରୀ ଗ୍ରାମର ତାଙ୍କ ସମ୍ପର୍କୀୟ ଭିଣୋଇ ବସନ୍ତଙ୍କ ଘରକୁ ଯାଇଥିଲେ । ହେଲେ ସେହି ଦିନରୁ ସେ ଆଉ ଫେରି ନଥିଲେ । ଏ ନେଇ ଝିଅ ବିଜୟିନୀ ୨ ଦିନ ପରେ ସମ୍ବଲପୁର ଟାଉନ ଥାନାରେ ତାଙ୍କ ମା' ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ । ଅଭିଯୁକ୍ତ ବସନ୍ତ କିଛି ଟଙ୍କା ମା'ଙ୍କଠାରୁ ଧାରସୂତ୍ରରେ ନେଇଥିଲେ । ଏହି ଟଙ୍କା ଜୟଶ୍ରୀ ଫେରାଇବାକୁ ବାରମ୍ବାର ତାଙ୍କୁ କହୁଥିଲେ । ହତ୍ୟାର ଏହା ହିଁ କାରଣ ହୋଇଥାଇ ପାରେ ବୋଲି ବିଜୟିନୀ ପୋଲିସକୁ କହିଥିଲେ । ହେଲେ ସେ ସମୟରେ ପୁଲିସ ତାଙ୍କ କଥାକୁ ଗୁରୁତ୍ୱ ଦେଇନଥିଲେ । ଏମିତି ଭାବେ ୮ ବର୍ଷ ଗଲାପରେ ବିଜୟିନୀ ଶେଷରେ ପୁଲିସ ଡିଜିଙ୍କ କାର୍ଯ୍ୟାଳୟକୁ ସମ୍ବଲପୁର ଟାଉନ ଥାନାରେ ହୋଇଥିବା ମାମଲାର ସ୍ଥିତି ବିଷୟରେ ଆର୍‌ଟିଆଇରେ ତଥ୍ୟ ମାଗିଥିଲେ । ଡିଜି ଅଫିସ୍ ଏହାକୁ ଗୁରୁତର ସହ ନେଇ ରିପୋର୍ଟ ଦେବା ପାଇଁ ସମ୍ବଲପୁର ଏସ୍‌ପିଙ୍କ ପାଖକୁ ନିର୍ଦ୍ଦେଶ ଆସିଥିଲା । ଏସ୍‌ପି ଅଫିସ୍ ଚିଠି ପାଇବା ପରେ ଏହି ଘଟଣାର ତଦନ୍ତ ରିପୋର୍ଟ ଦେବାକୁ ତତ୍କାଳୀନ ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତାଙ୍କୁ ଦାୟିତ୍ୱ ଦିଆଯାଇଥିଲା । ପୋଲିସ ଏକ ଟିମ୍ ଗଠନ କରି ହତ୍ୟା ଅଭିଯୋଗ ଉପରେ ତଦନ୍ତ କରିଥିଲା । ଦୀର୍ଘ ୮ ବର୍ଷ ପରେ ଅଭିଯୁକ୍ତ ବସନ୍ତକୁ ଯୁଯୁମୁରାରୁ ପୋଲିସ ଗିରଫ କରିଥିଲା । ୨୦୧୧ରେ ହୋଇଥିବା ନିଖୋଜ ମାମଲା ରାଜୁ ଗତ ୨୦୧୯ ଜୁଲାଇ ୨୧ ତାରିଖରେ ପୋଲିସ ହତ୍ୟା ପରିବର୍ତ୍ତନ ମାମଲା (ନଂ.୨୮ ନଂ.୨୮ ୯/୧୯)କୁ ରୁଜୁ କରିଛି । ଅଭିଯୁକ୍ତ ବସନ୍ତ ପ୍ରଥମେ ୨ ବର୍ଷ ଘର ବନ୍ଦ କରି ଗାଁ ଛାଡ଼ି ଚାଲି ଯାଇଥିଲେ । ଯୁଯୁମୁରାରେ ଏକ ଘର ଭଡ଼ା ନେଇଥିଲେ । ସେଠାକାର ଏକ ମନ୍ଦିରରେ ପୂଜା ପାଠ କରିବା ସହ ଏକ ଟ୍ରାକ୍ଟର ରଖି ରୋଜଗାର କରୁଥିଲେ । ତେବେ ସେ ନିଜ ପୁଅ ସହିତ ଫୋନ୍‌ରେ କଥା ହେଉଥିବାରୁ ସେଥିରୁ ହିଁ ପୁଲିସକୁ ସୁରାକ୍ ମିଳିଥିଲା । ପୁଲିସ ସେଠାରୁ ଅଭିଯୁକ୍ତ ବସନ୍ତକୁ ଗିରଫ କରିଥିଲା ।

### ଅନ୍ୟ ଅଭିଯୁକ୍ତ ଏବେ ବି ଫେରାର

ଜୟଶ୍ରୀ ହତ୍ୟାକାଣ୍ଡରେ ଅଭିଯୁକ୍ତ ବସନ୍ତ ପଣ୍ଡାଙ୍କୁ ଗିରଫ କରାଯାଇଛି । ହେଲେ ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନେ ଏବେ ମଧ୍ୟ ଫେରାର ଅଛନ୍ତି । ପୁଲିସ ଆଉ ଏହି ମାମଲାକୁ ଗୁରୁତ୍ୱ ସହ ନେଉ ନାହିଁ ବୋଲି ଜୟଶ୍ରୀଙ୍କ ଝିଅ ବିଜୟିନୀ ଅଭିଯୋଗ କରିଛନ୍ତି । ଜଣେ ଅଭିଯୁକ୍ତଙ୍କୁ କୋର୍ଟ ତଥ୍ୟପ୍ରମାଣ ସାକ୍ଷ୍ୟ ଆଧାରରେ ଦଣ୍ଡ ଦେଇଥାଏ । ହେଲେ ପୁଲିସ ଆବଶ୍ୟକ ତଥ୍ୟ ପ୍ରମାଣ ଦେବାରେ ଅଭାବ କରିଛି । ଅଭିଯୁକ୍ତର ଜାମିନ ହାଇକୋର୍ଟରେ ୩ ଥର ଖାରଜ ହୋଇ ସାରିଛି । ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଶୀଘ୍ର ଦଣ୍ଡ ମିଳିଲେ ଆମକୁ ଶାନ୍ତି ମିଳିବ ବୋଲି ଝିଅ ବିଜୟନୀ କହିଛନ୍ତି ।

### ପରିବାରକୁ ମିଳୁଛି ଧମକ

ଅଭିଯୁକ୍ତ ବସନ୍ତ ପଣ୍ଡା ଗିରଫ ହୋଇ ଜେଲରେ ଅଛି । ଆମ ପରିବାର କହିଲେ ମୋର ଭାଇ ଓ ମୁଁ । ଏବେ ଅଭିଯୁକ୍ତଙ୍କ ପକ୍ଷରୁ ଆମକୁ ଧମକ ଦିଆଯାଇଛି । ଦୁଇ ଭାଇ ଓ ଭଉଣୀ ଜୀବନ ପ୍ରତି ବିପଦ ରହିଛି । ପୁଲିସ ଘଟଣାକୁ ଗୁରୁତ୍ୱ ସହ ନ ନେଲେ କିଛି ଘଟଣା ଘଟିପାରେ । ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି । କୋର୍ଟ ଉପରେ ଆମର ବିଶ୍ୱାସ ରହିଛି । ନିଶ୍ଚିତ ଭାବେ ଆମକୁ ନ୍ୟାୟ ମିଳିବ । ହେଲେ ଶୀଘ୍ର ଦଣ୍ଡାଦେଶ ହୋଇଗଲେ ଆମ ପରିବାର ଏକ ବଡ଼ ବିଜୟ ହେବ । ସମାଜରେ ଏଭଳି କାଣ୍ଡ ଘଟାଇବା ପୂର୍ବରୁ ଅଭିଯୁକ୍ତମାନେ ଚିନ୍ତା କରିବେ ବୋଲି ବିଜୟିନୀ କହିଛନ୍ତି ।

# ପୁଲିସ ହାତରେ ବିଳମ୍ବରେ ଅପରାଧୀ

**ଅଭିଳାଷ ହୋତା, ବଲାଙ୍ଗିର**


କୁହାଯାଏ ପୁଲିସ ହାତ ବହୁତ ଲମ୍ବା । ଅପରାଧ ଘଟାଇଥିବା ଅଭିଯୁକ୍ତ କେବେ ନା କେବେ, କେଉଁଠି ନା କେଉଁଠି ପୁଲିସ ହାତରେ ଧରାପଡ଼ିଥାଏ । ଅପରାଧୀ ଯେତେ ଚାଲାକ ହେଉନା କାହିଁକି ପୁଲିସ ହାତରୁ ବଞ୍ଚିବା ମୁସ୍କିଲ ହୋଇଥାଏ । କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଏଭଳି କିଛି ଘଟଣା ଘଟିଥିଲା, ଯେଉଁ ଘଟଣାରେ ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ବିଳମ୍ବ କରିଛି । ଏପରିକି ଏମିତି କିଛି ମାମଲା ମଧ୍ୟ ରହିଛି, ଯେଉଁ ମାମଲାର ଅଭିଯୁକ୍ତ ଆଜି ବି ଗିରଫ ହୋଇପାରିନାହିଁ । ଏଭଳି ମାମଲାଗୁଡ଼ିକରେ ପୀଡ଼ିତ ପରିବାର ନ୍ୟାୟ ପାଇବାରୁ ବଞ୍ଚିତ ରହିଥାନ୍ତି । ତାଙ୍କର ସର୍ବସ୍ୱ ହରାଇବା ପରେ ମଧ୍ୟ ପୁଲିସ ଓ ନ୍ୟାୟ ବ୍ୟବସ୍ଥା ଉପରେ ଭରସା ରଖିଥାନ୍ତି । ସେହିଭଳି କିଛି ଚର୍ଚ୍ଚିତ ଘଟଣା ମଧ୍ୟରୁ ଦେଓଗାଁ ବବଲୁ ବଗର୍ତ୍ତି ବଳି ଘଟଣା, ସୁନା ବ୍ୟବସାୟୀ ଗଜାନନ ମେହେର ହତ୍ୟା ମାମଲା ଅନ୍ୟତମ । ବବଲୁ ବଗର୍ତ୍ତି ବଳି ଘଟଣାର ଅଭିଯୁକ୍ତ ଆଜି ବି ପୁଲିସ ହାତରେ ଲାଗିନାହିଁ । ଅନ୍ୟପକ୍ଷରେ ସୁନା ବ୍ୟବସାୟୀ ଗଜାନନ ମେହେର ହତ୍ୟା ମାମଲାରେ ତିନି ବର୍ଷ ପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସେହିପରି ପାଟଣାଗଡ଼ରେ ମଧ୍ୟ ଦୁଇ ବର୍ଷ ଜଣେ ଦୁଷ୍କର୍ମ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା । କୋଭିଡ୍ ଭେକ୍ସିନ ନେଉଥିବା ବେଳେ ସେ ଗିରଫ ହୋଇଥିଲା ।

## ୩ ବର୍ଷ ପରେ ଧରାପଡ଼ିଲା ହତ୍ୟାକାରୀ



ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବଙ୍ଗଳା ଛକରେ ସୁନା ଦୋକାନ କରିଥିଲେ ଗଜାନନ ମେହେର । ଗତ ୨୦୨୦ ନଭେମ୍ବର ୧୯ ତାରିଖରୁ ଘରୁ ଯାଇ ଆଉ ଫେରିନଥିଲେ । ପରେ ୨୦ ତାରିଖରେ ପରିବାର ଲୋକ ତାଙ୍କର ନିଖୋଜ ହେବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୁଲିସ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ କିଛି ସୁରାକ ପାଇନଥିଲା । ସେହି ମାସ ୨୩ ତାରିଖରେ ଦେଓଗାଁ - ପାଟଣାଗଡ଼ ସୀମାରେ ଥିବା ଏକ ସଂରକ୍ଷିତ ଜଙ୍ଗଲରେ ବାଇକ ସହ ମୃତଦେହ ପଡ଼ିଥିବା କିଛି ଲୋକ ଦେଖିବାକୁ ପାଇଥିଲେ । ଏନେଇ ପୁଲିସ ସୂଚନା ପାଇବା ପରେ ଗଳିତ ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା । ବାଇକରୁ ଚିହ୍ନଟ କରି ତାହା ଗଜାନନଙ୍କ ମୃତଦେହ ବୋଲି ସ୍ପଷ୍ଟ ହୋଇଥିଲା । ମୃତଦେହ ମିଳିବା ପରେ ପୁଲିସ ହତ୍ୟା ସନ୍ଦେହରେ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ସାରସବାହାଲ ଗାଁର ସିର ରଣା ସଂପୃକ୍ତ ଥିବା ବୋଲି ପୁଲିସ ସନ୍ଦେହ କରିଥିଲା । ତେବେ ତାଙ୍କୁ ଗିରଫ କରିବାରେ ସଫଳ ହୋଇନଥିଲା । ଫଳରେ ଏହି ମାମଲା ନାଲିଫିତା ତଳେ ଚାପି ହୋଇଯିବାକୁ ବସିଥିଲା ।

ପ୍ରାୟ ଅଢ଼େଇ ବର୍ଷ ପରେ ବଲାଙ୍ଗିରର ତତ୍କାଳୀନ ଏସ୍‌ପି ନୀତିନ କୁଶଲକର ଏହି ମାମଲାର ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବାକୁ ଦେଓଗାଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ପୁଣି ଥରେ ପୁଲିସ ଏହି ମାମଲାର ଛାନ୍‌ଭିନ୍ ଆରମ୍ଭ କରିଥିଲା । ସାଇବର ପୁଲିସର ବୈଷୟିକ ସହାୟତା, ଲୋକଙ୍କଠାରୁ ସୁରାକ ସଂଗ୍ରହ କରି ଅଭିଯୁକ୍ତ ସିର ରଣାକୁ ଧରିବା ପାଇଁ ଉଦ୍ୟମ କରିଥିଲା । ଦୁଇ/ତିନି ଥର ବିଫଳ ହେବା ପରେ ଶେଷରେ ଘଟଣାର ପ୍ରାୟ ୩ ବର୍ଷ ପରେ ୨୦୨୩ ସେପ୍ଟେମ୍ବର ୫ ତାରିଖର ସିରକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ତେବେ ଏହି ମାମଲାରେ କେବଳ ସିର ସମ୍ପୃକ୍ତ ଥିଲା ନା ଆଉ ମଧ୍ୟ କିଏ ସମ୍ପୃକ୍ତ ଥିଲେ, ତାହା ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ ।



## ଦୁଇ ବର୍ଷ ପରେ ପୁଲିସ ହାତରେ ଦୁଷ୍କର୍ମକାରୀ



ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଭଇଁଷା ଗାଁରେ ଜଣେ ମହିଳାଙ୍କୁ ସ୍ଥାନୀୟ ଯୁବକ ଅରୁଣ ପୋଢ଼(୨୪) ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇବା ପରେ ଅରୁଣ ପୋଢ଼ ବିରୋଧରେ ୨୦୧୯ ମାର୍ଚ୍ଚ ମାସରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । କିନ୍ତୁ ଅଭିଯୁକ୍ତ ଅରୁଣଙ୍କୁ ଧରିବାରେ ପୁଲିସ ବିଫଳ ହୋଇଥିଲା । ଅରୁଣ ଏହାର ସୁଯୋଗ ନେଇ ରାଜ୍ୟ ବାହାରକୁ ଫେରାର ମାରି ସେଠାରେ କାମ କରି ରହୁଥିଲା । କୋଭିଡ୍ ମହାମାରୀ ସମୟରେ ବାହାରେ କାମ କରୁଥିବା ଶ୍ରମିକମାନେ ଘରକୁ ଫେରିଥିଲେ । ସଂକ୍ରମଣରୁ ରକ୍ଷା ପାଇବା ପାଇଁ କୋଭିଡ୍ ଟିକା ନେବା ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି ସମୟରେ ଅରୁଣ ମଧ୍ୟ ଘରକୁ ଫେରିଥିଲା । ଟିକା ନେବାକୁ ସେ ଟିକାକରଣ କେନ୍ଦ୍ରକୁ ଯାଇ ଲାଇନ୍‌ରେ ରହିଥିଲା । ନିଜ ନାମ ପଞ୍ଜୀକରଣ କରିବା ସମୟରେ ତାଙ୍କୁ ଚିହ୍ନଟ କରାଯାଇଥିଲା । ପୁଲିସ ଏନେଇ ଖବର ପାଇବା ପରେ କେନ୍ଦ୍ରକୁ ପହଞ୍ଚିଥିଲା । ସେଠାରେ ଅରୁଣଙ୍କୁ ପଚରାଉଚୁରା କରିବା ପରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ଚାଲାକି କରି ଅରୁଣ ଦୀର୍ଘ ଦୁଇ ବର୍ଷ ଧରି ଫେରାର ରହିବା ପରେ ଘରକୁ ଆସିଥିଲେ । ଭାବିଥିଲା ସେ ପୁଲିସ ହାତରେ ଧରାପଡ଼ିବେ ନାହିଁ । କିନ୍ତୁ ଶେଷରେ ପୁଲିସ ହାତରେ ଧରାପଡ଼ିଯାଇଥିଲା ।

## ଆଜି ବି ବବଲୁ ହତ୍ୟାକାରୀକୁ ଖୋଜୁଛି ପୁଲିସ



ବଲାଙ୍ଗିର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସିଲେଟକାନୀ ଗାଁର ଉଗ୍ରେସନ ବଗର୍ତ୍ତିଙ୍କ ପୁଅ ବବଲୁ ବଗର୍ତ୍ତି ଗତ ୨୦୨୦ ଜାନୁୟାରୀ ମାସରେ ନିଖୋଜ ହୋଇଯାଇଥିଲେ । ନିଖୋଜ ହେବାର ୧୫ ଦିନ ପରେ ଗତ ୨୦୨୦ ଫେବୃୟାରୀ ୬ ତାରିଖରେ ଗାଁର ମହିଳାମାନେ କୁକୁର ମୁହଁରେ ଏକ ମଣିଷ ହାତକୁ ଦେଖିଥିଲେ । ଏହା ଜଣାପଡ଼ିବା ପରେ ପରିବାର ଲୋକ ସନ୍ଦେହରେ ଥାନାକୁ ଖବର ଦେଇଥିଲେ । ପୁଲିସ ସିଲେଟକାନୀରେ ପହଞ୍ଚି ସନ୍ଧାନୀ କୁକୁରର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତେ ବେଳେ ପୁଲିସ ନଦୀପଠାରେ ଅସ୍ଥି, କଙ୍କାଳ, ଖପୁରି ଦେଖିବାକୁ ପାଇଥିଲା । ଏହି ସବୁକୁ ତାହା ବବ୍‌ଲୁର ମୃତଦେହ ବୋଲି ପୁଲିସ ଓ ପରିବାର ଲୋକ ସନ୍ଦେହ କରିଥିଲେ । ଗୁପ୍ତଧନ ଲାଳସାରେ କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବବଲୁକୁ ବଳି ଦେଇଥିବା ନେଇ ଚର୍ଚ୍ଚା ହୋଇଥିଲା । ଦେହାବଶେଷକୁ ଜବତ କରି ପୁଲିସ ପରୀକ୍ଷା ପାଇଁ ପଠାଇଥିଲା । ତେବେ ଆଜି ପର୍ଯ୍ୟନ୍ତ ବବୁଲର ହତ୍ୟାକାଣ୍ଡ ସଂପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଏପରିକି ତାହା ବବଲୁର ବୋଲି ସ୍ପଷ୍ଟ ହୋଇନଥିବା ବେଳେ ପରିବାର ଲୋକଙ୍କୁ ନ୍ୟାୟ ମଧ୍ୟ ମିଳିନାହିଁ । ଏହି ଘଟଣା ପରେ ବବଲୁଙ୍କ ବାପା ଉଗ୍ରେସନ ଗାଁର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ବବଲୁକୁ କୁଆଡ଼େ ଅପହରଣ କରି ନେଇ ବଳି ଦେଇଥିବା ଉଗ୍ରସନ ଅଭିଯୋଗ କରିଥିଲେ ସିନା ପୁଲିସ ତାକୁ ଗିରଫ କରିନଥିଲା । ଆଜି ପର୍ଯ୍ୟନ୍ତ ଏହି ମାମଲାରେ ପୁଲିସ କାହାକୁ ବି ଗିରଫ କରିପାରିନଥିବା ବେଳେ ପରିବାର ଲୋକଙ୍କୁ ମଧ୍ୟ ନ୍ୟାୟ ମିଳିନାହିଁ । ■








# ପତ୍ନୀକୁ ହତ୍ୟା

## ରେକର୍ଡିଂ ଭାଇରଲ୍ ପରେ ଧରାପଡ଼ିଲା ଅଭିଯୁକ୍ତ

ଦୀର୍ଘ ଦୁଇ ବର୍ଷ ପରେ ଏହି ହତ୍ୟାକାଣ୍ଡର କାରଣ ଜାଣିବାକୁ ମିଳିଥିଲା । ଅଭିଯୁକ୍ତର ରେକର୍ଡିଂ ପୋଲିସକୁ ମିଳିବା ପରେ ଜିଲ୍ଲାର ବଛାବଛା ୫ଜଣ ଆଇଆଇସି, ୨ ଜଣ ଡିଏସ୍‌ପି ଘଟଣାକୁ ଗୁରୁତର ସହ ନେଇ ହତ୍ୟାକାଣ୍ଡର ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲେ । ଦୁଇ ବର୍ଷ ହେଲାଣି ହତ୍ୟା କଲେଣି । ପୋଲିସ ମୋର କଣ କରିପାରିଲା । କିଛି ଟେର୍ ପାଇଲା ନାହିଁ । ଏହି ଗୋଟିଏ ହତ୍ୟା ମୁଁ କରିନି। ଏହା ପୂର୍ବରୁ ଆଉ ଗୋଟେ ମହିଳାଙ୍କୁ ହତ୍ୟା କରିଥିଲି। ତାକୁ ମଧ୍ୟ ପୋଲିସ ଧରିପାରିଲା ନାହିଁ। ମୁଁ ଆଜି ପ୍ରଶାନ୍ତି ଏକ୍ସପ୍ରେସରେ ବାଙ୍ଗାଲୋର ଯାଉଛି, ସେଠାରୁ ଜଣେ ଯୁବତୀଙ୍କୁ ପୁଣି କେନ୍ଦ୍ରାପଡ଼ା ଆଣି ହତ୍ୟା କରିବି । ମୋର କେହି କିଛି କରିପାରିବେ ନାହିଁ । ଆଜିଠାରୁ ମୋବାଇଲକୁ ଫୋପାଡ଼ି ଦେବି । ମୋତେ ଧରିବାକୁ କାହାର ଦମ୍ ଅଛି ଧର ବୋଲି ଭାଇରାଲ ରେକର୍ଡରେ ଅଭିଯୁକ୍ତ କହିଥିଲା ।





# ଦୁଇ ବର୍ଷ ପରେ ପୋଲିସର ଖୁଲାସା

ଦେବଦତ୍ତ ଦାଶ , କେନ୍ଦ୍ରାପଡ଼ା

ପ୍ରେମ, ପ୍ରତାରଣା, ବିବାହ, ସନ୍ଦେହ ଏବଂ ବୀଭତ୍ସ ହତ୍ୟା । ସ୍ୱାମୀ-ସ୍ତ୍ରୀ ସଂପର୍କରେ ସନ୍ଦେହର ସାଂଘାତିକ ପରିଣାମ । ୨୦୨୧ ମସିହାରେ କଣ୍ଡରାପାଟିଆ ହତ୍ୟାକାଣ୍ଡ କେନ୍ଦ୍ରାପଡ଼ାକୁ ଦୋହଲାଇ ଦେଇଥିଲା । ସ୍ୱାମୀ ନିଜ ପତ୍ନୀଙ୍କୁ ହତ୍ୟା କରିବା ସହ ନିଜ ପିଲାକୁ ମଧ୍ୟ ହତ୍ୟା ପାଇଁ ଉଦ୍ୟମ କରିଥିଲା । ଶେଷରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ ଅଭିଯୁକ୍ତ ସ୍ୱାମୀ ପ୍ରମାଣ ନଷ୍ଟ କରିବା ପାଇଁ ସେଠାରୁ ଖସି ଯାଇଥିଲା । ଏପରିକି ହତ୍ୟାକାଣ୍ଡ ପରେ ଅଭିଯୁକ୍ତ କୌଣସି ସୁରାକ ଛାଡ଼ି ନ ଥିଲା । ତେବେ ଅଭିଯୁକ୍ତର ଫୋନ ବାର୍ତ୍ତାଳାପର ଏକ ରେକର୍ଡିଂ ଭାଇରାଲ ହେବା ପରେ ଅଭିଯୁକ୍ତକୁ ପୋଲିସ ଧରିଛି ।

## ଚରିତ୍ରକୁ ସନ୍ଦେହ କରି ହତ୍ୟାକାଣ୍ଡ

ଜମ୍ବୁ ଥାନା କେସ୍ ନଂ ୯୫/୨୦୨୧ ଅନୁଯାୟୀ, ଗୋଟିଏ ଛୁରି, ମୋବାଇଲ ରେକର୍ଡିଂ, ଆଉ ଖବରୀ ସୂଚନାକୁ ଆଧାର କରି ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସୁଚନାନୁଯାୟୀ, ଗତ ୨୦୧୩ ମସିହାରେ କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅଧୀନ ଆମ୍ବନାଳିଆ ଗାଁର ଡଙ୍ଗାଘାଟ ସାହି ପୁରୁଷୋତ୍ତମ ବେହେରାଙ୍କ ସାନଝିଅ ମୀନା ଓରଫ୍ ସୋନାଲି ବେହେରାଙ୍କୁ କେନ୍ଦ୍ରାପଡ଼ା ମାର୍ଶାଘାଇ ଥାନା ଖମଗାଁବିନ୍ଧାର ଟହଲି ଖୁଣ୍ଟିଆଙ୍କ ସାନପୁଅ ପବିତ୍ର ଖୁଣ୍ଟିଆ ପ୍ରେମ ବିବାହ କରିଥିଲେ। ଉଭୟ ପବିତ୍ର ଓ ସୋନାଲି ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଇଟାଭାଟିରେ ଶ୍ରମିକ ଭାବେ କାମ କରୁଥିଲେ । ତେବେ ଭଗମୁଣ୍ଡାରେ ରହୁଥିବା ବେଳେ ପବିତ୍ରର ସ୍ତ୍ରୀ ସୋନାଲି ଔରସରୁ ଜନ୍ମ ହୋଇଥିବା ମଙ୍ଗୁ ଖୁଣ୍ଟିଆ(୨ବର୍ଷ) ନିଜର ପୁଅ ନୁହେଁ ବୋଲି ସନ୍ଦେହ କରି ବିଭିନ୍ନ ସମୟରେ କଳିଝଗଡା ଲାଗି ରହୁଥିଲା। ତେବେ ପବିତ୍ର ନିଜର ବଡ଼ଭାଇ ବସନ୍ତ ଖୁଣ୍ଟିଆଙ୍କୁ ସବୁକଥା କହିବା ପରେ ବସନ୍ତ ପବିତ୍ରର ପତ୍ନୀ ସୋନାଲି ଓ ପୁଅ ମଙ୍ଗୁକୁ ହତ୍ୟା କରିବାକୁ ଯୋଜନା କରିଥିଲା ।

## କେମିତି ରଚିଥିଲା ହତ୍ୟାକାଣ୍ଡ

୨୦୨୧ ମସିହା ଜୁନ୍ ୨୬ ତାରିଖ ବସନ୍ତ ନିଜ ବାଇକ୍‌ରେ କେନ୍ଦୁଝର ଆମ୍ବନାଳିଆର ଡଙ୍ଗାଘାଟସାହିକୁ ନିଜ ସାନଭାଇ ପବିତ୍ର, ସାନବୋହୂ ସୋନାଲି ଓ ପୁତୁରା ମଙ୍ଗୁକୁ ଆଣିବା ପାଇଁ ଦିନ ୧୧ଟାରେ ସେଠାରେ ପହଞ୍ଚିଥିଲା । ଯାଜପୁରର ବାଲିଚନ୍ଦ୍ରପୁରରୁ ହତ୍ୟା କରିବା ପାଇଁ ଏକ ଧାରୁଆ ଛୁରି କିଣିଥିଲା । ପତ୍ନୀ ସୋନାଲିଙ୍କୁ ଭିତରକନିକା ବୁଲାଇ ନେବାକୁ କହି ସେଠାରୁ ଆଣିଥିଲେ । ରାତି ପ୍ରାୟ ୧୨ଟାରେ ଜମ୍ବୁ ମେରାଇନ ଥାନା ଅଧୀନ କଣ୍ଡରାପାଟିଆ ସ୍ଥିତ ଏକ ଜଙ୍ଗଲ ନିକଟ ପୋଲ ଉପରେ ପହଞ୍ଚିଥିଲେ । ବିଳମ୍ବିତ ରାତ୍ରି ହୋଇଯିବାରୁ ସୋନାଲିକୁ ସକାଳୁ ଭିତରକନିକା ଯିବାକୁ କହି ସେଠାରେ ଶୋଇବା ପାଇଁ କହିଥିଲା । ସୋନାଲି ଆଉ ତାଙ୍କ ପୁଅ ପୋଲ ନିକଟରେ ଶୋଇପଡ଼ିଥିଲେ । ସୋନାଲି ଶୋଇବା ପୂର୍ବରୁ ଅଭିଯୁକ୍ତ ଦେଢ଼ଶୁର ଆଉ ସ୍ୱାମୀ ତାଙ୍କୁ ଜଗିଥିବା ଦେଖି ସେ ବଡ଼ ଆରାମରେ ଶୋଇପଡ଼ିଥିଲା । କିଛି ସମୟ ପରେ ସୋନାଲିଙ୍କୁ ଗଭୀର ନିଦ ଆସିଥିଲା । ଏହାର ସୁଯୋଗ ଉଠାଇ ସୋନାଲିଙ୍କ ମୁହଁକୁ କପଡ଼ାରେ ବନ୍ଦ କରାଯାଇଥିଲା । ଏହାପରେ ସ୍ୱାମୀ ପବିତ୍ର ପତ୍ନୀଙ୍କ ହାତଗୋଡ଼ ବାନ୍ଧି ଦେଇ ମାଡ଼ିବସି ଧରିଥିଲା ।




ଏହାପରେ ସୋନାଲିଙ୍କ ଦେଢ଼ଶୁର କିଣିଥିବା ଧାରୁଆ ଛୁରିରେ ତାଙ୍କ ବେକକୁ କାଟି ଦେଇଥିଲା । ଘଟଣାସ୍ଥଳରେ ସୋନାଲିଙ୍କର ପ୍ରଚୁର ରକ୍ତସ୍ରାବ ହୋଇଥିଲା । କିଛି ସମୟ ଛଟପଟ ହୋଇ ମୃତ୍ୟୁ ହୋଇଥିଲା । ଅଭିଯୁକ୍ତ ଦୁଇ ଭାଇ ସୋନାଲିଙ୍କ ମୃତ୍ୟୁ ହେବା ଦେଖି ନିକଟସ୍ଥ ଜଙ୍ଗଲିଆ ବୁଦା ଭିତରକୁ ଫୋପାଡ଼ି ଦେଇଥିଲେ । ଏହି ସମୟରେ ଦୁଇବର୍ଷୀୟ ନାବାଳକ ପୁଅ କାନ୍ଦିବାରୁ ତା'ର ଦୁଇ ଗୋଡ଼କୁ ଟେକି ଏକ କଂକ୍ରିଟ୍ ପୋଲରେ ପିଟି ଦେଇଥିଲା । ପ୍ରଚୁର ରକ୍ତସ୍ରାବ ହେବା ଫଳରେ ସେ ଚେତା ହରାଇ ଥିଲା । ସେ ମରି ଯାଇଥିବା ଭାବି ଅଭିଯୁକ୍ତ ଦ୍ୱୟ ଘଟଣାସ୍ଥଳରୁ ସମସ୍ତ ପ୍ରମାଣ ନଷ୍ଟ କରି ଫେରାର ହୋଇଯାଇଥିଲେ । ହେଲେ ସକାଳୁ ଏହି ଘଟଣା ପ୍ରଚାର ହେବା ଫଳରେ ପୋଲିସ ମୃତ ଶରୀର ଜବତ କରିଥିଲା । କିଛି ଦୂରରେ ଦୁଇ ବର୍ଷିୟ ମଙ୍ଗୁ ଖୁଣ୍ଟିଆ ପଡ଼ିଥିବା ଦେଖିବାରୁ ଶରୀରରେ ଜୀବନ ଥିବାରୁ ପ୍ରଥମେ କେନ୍ଦ୍ରାପଡ଼ା ଏବଂ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଘଟଣାର ୨୩ ମାସ ପରେ ଖବର ପାଇ ପୋଲିସ ଅଭିଯୁକ୍ତ ଦୁଇଭାଇଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଗିରଫ କରିଥିଲା । ସେମାନଙ୍କ ନିକଟରୁ ଗୋଟିଏ ଛୁରି, ଗୋଟିଏ ହନୁମାନ ଲକେଟ୍ ଓ ହତ୍ୟାରେ ବ୍ୟବହୃତ ହୋଇଥିବା ଗୋଟିଏ ହିରୋ ମୋଟରସାଇକଲ ଜବତ କରିଥିଲା ।

## ଭାଇ କଥାରେ ଭାଇବୋହୂକୁ ହତ୍ୟା

ପୋଲିସ ପ୍ରାଥମିକ ପର୍ଯ୍ୟାୟରେ ହତ୍ୟାର ଶିକାର ହୋଇଥିବା ମହିଳା ଓ ପୁଅକୁ ଚିହ୍ନଟ କରିବା ପାଇଁ ବିଭିନ୍ନ ସ୍ଥାନରେ ବିଜ୍ଞାପନ ମାରିଥିବା ଦେଖିବାକୁ ମିଳିଥିଲା । ତେବେ ଭାଇ କଥାରେ ଭାଇବୋହୂକୁ ମାରିଥିବା ଓ ପୁତୁରାକୁ ହତ୍ୟା ଉଦ୍ୟମ କରିଥିବା ପୋଲିସ କହିଥିଲା । ସେହିପରି ସୋନାଲି ବାପା ମାଆଙ୍କର ନବମ ସନ୍ତାନ ହୋଇଥିବା ବେଳେ ପ୍ରେମ ବିବାହ କାରଣରୁ ଘର ସହ କୌଣସି ସମ୍ପର୍କ ନଥିବା ଓ ଭିଣୋଇ ପବିତ୍ର ଚୋର ପ୍ରକୃତିର ହୋଇଥିବା ଜାଣି ତାଙ୍କ ସହ କେହି ସମ୍ପର୍କ ରହୁନଥିବା ନେଇ ସୋନାଲିଙ୍କ ଭଉଣୀ ବାସନ୍ତୀ ନାୟକ କହିଥିଲେ । ତେବେ ସୋନାଲିଙ୍କ ମୃତ୍ୟୁ ହୋଇଥିବା ଖବର ମଧ୍ୟ ସେମାନେ ପାଇ ନ ଥିବା କହିଥିଲେ ।





## ବହୁ ଚର୍ଚ୍ଚିତ ପ୍ରମୋଦିନୀ ଏସିଡ୍ ଆକ୍ରମଣ ମାମଲା

# ୯ ବର୍ଷ ପରେ ଗିରଫ ହୋଇଥିଲେ ଦୁଇ ଅଭିଯୁକ୍ତ

**ରଶ୍ମିରଞ୍ଜନ ମହାପାତ୍ର**, ଜଗତସିଂହପୁର

ଦେଶର ବହୁ ଚର୍ଚ୍ଚିତ କଲେଜ ଛାତ୍ରୀ ପ୍ରମୋଦିନୀ ରାଉଳ ଏସିଡ୍ ଆକ୍ରମଣ ଘଟଣାର ୯ ବର୍ଷ ପରେ ସ୍ୱତନ୍ତ୍ର ପୁଲିସ ଟିମ୍ କୋଲକାତା ଓ ନୟାଗଡ଼ରୁ ଘଟଣାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ତିର୍ତ୍ତୋଲ ପୁଲିସ ବନ୍ଦ କରିଥିବା ତଦନ୍ତ ଫାଇଲର ରିଓପନ୍ ହୋଇଥିଲା। ଜଗତସିଂହପୁର ଆସିଷ୍ଟାଣ୍ଟ ସେସନ୍ସ ଜଜ୍ (ମହିଳା କୋର୍ଟ) ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ବେଦାନ୍ତ ଓରଫ୍ ବାପି ଓ ବିଶ୍ୱଜିତ ଦଳସିଂ ରାୟ ଓରଫ୍ ଅନିଲଙ୍କୁ ଦୋଷୀ ସାବ୍ୟସ୍ତ କରି ୧୪ ବର୍ଷ ଜେଲଦଣ୍ଡ ଓ ୧୫ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଥିଲା।





ଘଟଣା ଅନୁସାରେ, ୨୦୦୯ ମସିହାରେ ପାରାମିଲିଟାରୀ ଯବାନ ସନ୍ତୋଷ କୁମାର ବେଦାନ୍ତ ନିର୍ବାଚନ ଡ୍ୟୁଟିରେ ତିର୍ତ୍ତୋଲର କନକପୁରକୁ ଆସିଥିଲେ। କଲେଜ ଛାତ୍ରୀ ପ୍ରମୋଦିନୀ ରାଉଳଙ୍କୁ ଏକପାଖିଆ ଭଲ ପାଇବା ସହିତ ବିବାହ ପ୍ରସ୍ତାବ ଦେଇଥିଲେ। ସେ ଏହାକୁ ପ୍ରତ୍ୟାଖ୍ୟାନ କରିବା ପରେ ୪ ମଇ ୨୦୦୯ରେ ପ୍ରମୋଦିନୀ ତର୍ତ୍ତୋଲରୁ ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତମାନେ ତାଙ୍କ ଉପରେ ଏସିଡ୍ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ତାଙ୍କ ମୁଖମଣ୍ଡଳ ସମେତ ଶରୀରର ବିଭିନ୍ନ ଅଂଶ ଜଳିଯାଇଥିଲା। ସେ ଦୀର୍ଘ ୯ ମାସ ଧରି ସେ ଆଇସିୟୁରେ ଥିଲେ। କଟକ ମେଡିକାଲ୍‌ରେ ଦୀର୍ଘ ୫ ବର୍ଷ ଧରି ଯନ୍ତ୍ରଣାଦାୟକ ଜୀବନ ବିତାଇଥିଲେ। ଅନେକ ଥର ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଶେଷରେ ସେ ଦୃଷ୍ଟିଶକ୍ତି ମଧ୍ୟ ହରାଇଥିଲେ।



ଘଟଣାର ୩ ବର୍ଷ ପରେ ୨୦୧୨ରେ ଓଡ଼ିଶା ପୁଲିସ ଏହି ମାମଲାକୁ ବନ୍ଦ କରିଦେଇଥିଲେ। ଏହି ଘଟଣାରେ ପୀଡ଼ିତା ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଥିଲେ। ୩୦ ନଭେମ୍ବର ୨୦୧୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମାମଲାରେ କର୍ତ୍ତବ୍ୟରେ ଅବହେଳା ଓ ମାମଲା ବନ୍ଦ ପାଇଁ ଦୁଇଜଣ ପୁଲିସ ଅଧିକାରୀ ତତ୍କାଳୀନ ଡିଏସ୍‌ପି ଆର.କେ. ଜେନା ଓ ଥାନା ଅଧିକାରୀ ଶଙ୍କର୍ଷଣ ଡାଲିଙ୍କୁ ନିଲମ୍ବିତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତତ୍କାଳୀନ ଏସ୍‌ପି ଜୟନାରାୟଣ ପଙ୍କଜ ଏହି କେଶର ରିଓପନ୍ କରିଥିଲେ। ୨୬ ନଭେମ୍ବର ୨୦୧୭ରେ ଜଗତସିଂହପୁର ପୁଲିସର ସ୍ୱତନ୍ତ୍ର ଟିମ୍ ଅପରାଧର ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ବେଦାନ୍ତକୁ ଗିରଫ କରିବାକୁ ଜମ୍ମୁ କାଶ୍ମୀର ଯାଇଥିବା ସମୟରେ ସେ ସେଠାରୁ ଫେରାର ହୋଇଯାଇଥିଲେ। ପରେ ଏହି ଟିମ୍ ସନ୍ତୋଷ ବେଦାନ୍ତକୁ କୋଲକତାରୁ ଓ ତା'ର ସହଯୋଗୀ ବିଶ୍ୱଜିତକୁ ନୟାଗଡ଼ରୁ ଗିରଫ କରିଥିଲେ।

ଦୀର୍ଘ ୧୪ ବର୍ଷ ଧରି ଏହି ମାମଲାର କୋର୍ଟରେ ବିଚାର ଚାଲିବା ପରେ ୨୦୨୨ରେ ଆଇପିସି ଧାରା ୩୦୭, ୩୨୬, ୩୪ ଅନୁଯାୟୀ ଆସାମୀଙ୍କୁ ଦଣ୍ଡିତ କରାଯିବା ସହ, ସି ଆ ର ପି ସି ଧାରା ୨୩୫(୨) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା। କୋର୍ଟରେ ଶୁଣାଣି ସମୟରେ ପ୍ରମୋଦିନୀଙ୍କ ମା' ଓ ସ୍ୱାମୀ ସରୋଜ ସାହୁ କୋର୍ଟ ପରିସରରେ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଏସିଡ୍ ପୀଡ଼ିତା ପ୍ରମୋଦିନୀ ୨୦୨୧ରେ ସରୋଜ କୁମାର ସାହୁଙ୍କୁ ପ୍ରେମ ବିବାହ କରିଥିଲେ। ପ୍ରମୋଦିନୀଙ୍କ ଜୀବନ ସରୋଜ ବଦଳାଇ ଦେଇଥିଲେ। ■



## ୩୪ ଲକ୍ଷ ହଡ଼ପ ଘଟଣା

# ୮ ବର୍ଷ ପରେ ପୂର୍ବତନ ବିଡ଼ିଓ ଗିରଫ

**ସୁବୋଧ କୁମାର ଚେଟ୍ଟୀ**, କୋରାପୁଟ

କାମ ନାହିଁ, କାଗଜକଲମରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରି କରିଥିବା ଦର୍ଶାଇ ୩୪ ଲକ୍ଷ ଟଙ୍କା ଆତ୍ମସାତ୍ କରିବା ଅଭିଯୋଗରେ ଭିଜିଲାନ୍ସ ବିଭାଗ ୮ ବର୍ଷ କାଳ ଫେରାର୍ ଥିବା ନାରାୟଣପାଟଣାର ପୂର୍ବତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ଚନ୍ଦ୍ର ସାହୁଙ୍କୁ ୨୦୨୩ ଅଗଷ୍ଟ ୨୧ରେ ନୂଆଦିଲ୍ଲୀରୁ ଗିରଫ କରିବାରେ ସକ୍ଷମ ହୋଇଥିଲା। କୌଣସି କାମ ନକରି ନାରାୟଣପାଟଣାର ତତ୍କାଳୀନ ବିଡିଓ ଶ୍ରୀ ସାହୁ ଏକାଧିକ ପ୍ରକଳ୍ପ କାମ କରିଥିବା ଦର୍ଶାଇ ମିଥ୍ୟା ବିଲ୍ କରି ପ୍ରାୟ ୩୪ ଲକ୍ଷ ଟଙ୍କା ବ୍ୟୟରେ ଆତ୍ମସାତ କରିଥିବା ଅଭିଯୋଗ ୨୦୧୫ରେ ହୋଇଥିଲା। ଭିଜିଲାନ୍ସ କୋରାପୁଟ ଡିଭିଜନ୍ ଶ୍ରୀ ସାହୁଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ପରେ ସେ ଗିରଫ ଭୟରେ ଫେରାର୍ ହୋଇ ଯାଇଥିଲେ। ଶ୍ରୀ ସାହୁ କିଛିଦିନ ଆସାମର ଜୋରହାଟରେ ରହିବା ପରେ ନୂଆଦିଲ୍ଲୀ ଓ ଅନ୍ୟାନ୍ୟ ସ୍ଥାନରେ ଲୁଚିଛପି ରହୁଥିଲେ। ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ପିଛା କରୁଥିବାବେଳେ ୮ ବର୍ଷ ପରେ ୨୦୨୩ ଅଗଷ୍ଟ ୨୧ ତାରିଖରେ ନୂଆଦିଲ୍ଲୀରୁ ଗିରଫ କରିଥିଲା । ଗିରଫ ପରେ ଓଡ଼ିଶା ଭିଜିଲାନ୍ସ ଶ୍ରୀ ସାହୁଙ୍କୁ ନୂଆଦିଲ୍ଲୀର କିଶନଗଡ଼ ଥାନାରେ ହାଜର କରାଯାଇଥିଲା। ପରେ ଓଡ଼ିଶା ଆଣିଥିଲା। ରମେଶ ଚନ୍ଦ୍ର ସାହୁ ୨୦୧୫ରେ ନାରାୟଣପାଟଣା ବିଡ଼ିଓ ଥିବାବେଳେ ଟୋଭାପଦର ଓ ମାଙ୍କଡ଼ି ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ନକରି ୬ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିଲେ। ସେହିପରି ଡୁମୁସିଲରେ ମଧ୍ୟ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ନକରି ୩ ଲକ୍ଷ ଟଙ୍କାର ମିଥ୍ୟା ବିଲ୍ କରି ହଡ଼ପ କରିଥିବା ଅଭିଯୋଗ ହୋଇଥିଲା । ସେହିପରି ପାଟିଙ୍ଗିରେ ରାସ୍ତା ଓ ଡ୍ରେନ୍ କାମ କରିଥିବା ଦେଖାଇ ୫ ଲକ୍ଷ ଟଙ୍କା, କେଲୁବାଡ଼ିରେ ଫିଲ୍ଟ୍ର ଚାନେଲ୍, ଡାଇଭରସନ୍ ୱାଲ୍ କାମ ବାବଦରେ ୫ ଲକ୍ଷ ଟଙ୍କା, ଗେଲଚାରେ ଅଙ୍ଗନବାଡ଼ି ଗୃହ ଓ ଦଳେଇପେଟାରେ ସିସି ରୋଡ୍ ପାଇଁ ୫ ଲକ୍ଷ ଟଙ୍କା, ଉପରଗୁମୁଣ୍ଡିରେ ଝରଣା ଜଳକୁ ଅଟକାଇ ଜଳ ସେଚିତ କରିବା ପାଇଁ ଫିଲ୍ଟ୍ର ଚାନେଲ ବାବଦରେ ୫ ଲକ୍ଷ ଏବଂ ମନରେଗା ଯୋଜନା ଅର୍ଥ ମଧ୍ୟ ୫ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଥିଲା। କୋରାପୁଟ ଭିଜିଲାନସ୍ ଡିଭିଜନ୍ ଶ୍ରୀ ସାହୁଙ୍କ ବିରୁଦ୍ଧରେ ମୋଟ ୭ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଗିରଫ ଭୟରେ ସେହିଦିନରୁ ଶ୍ରୀ ସାହୁ ଫେରାର୍ ଥିଲାବେଳେ ୨୦୨୩ ଅଗଷ୍ଟ ୨୧ ରେ ସେ ଭିଜିଲାନସ୍ ଜାଲରେ ଫସି ଥିଲେ । ■












# ପୁଲିସ ପଞ୍ଝାରେ ଫେରାର୍ ଅଭିଯୁକ୍ତ



ଅପରାଧୀ ଯେତେ ଚାଲାକ କି ଚତୁର ହେଉନା କାହିଁକି, ଦିନେ ଦିନେ ପୁଲିସ ହାତରେ ଧରାପଡ଼ିଥାଏ । ଏପରିକି ବର୍ଷ ବର୍ଷ ଧରି ଫେରାର୍ ଅଭିଯୁକ୍ତମାନେ ଧରାପଡ଼ିଛନ୍ତି । ଆଉ ଜେଲ୍‌ର ଚାରିକାନ୍ଥ ଭିତରେ ଦଣ୍ଡ ଭୋଗିଛନ୍ତି । କେବଳ ଓଡ଼ିଶାରେ ନୁହେଁ, ଭାରତର ବିଭିନ୍ନ ଅଞ୍ଚଳରେ ଘଟିଛି, ଏଭଳି ଅନେକ ଘଟଣା । ବିଭିନ୍ନ ଜଘନ୍ୟ ଘଟଣା ପରେ ଫେରାର ହୋଇଯାଇଛନ୍ତି ଅଭିଯୁକ୍ତମାନେ । ବର୍ଷେ କି ଦୁଇ ବର୍ଷ ନୁହେଁ, ଦଶ ବର୍ଷ , କୋଡ଼ିଏ ବର୍ଷ ପରେ ମଧ୍ୟ ଧରା ପଡ଼ିଛନ୍ତି । ଦେଶର ଘଟିଥିବା ଏଭଳି କିଛି ଚର୍ଚ୍ଚିତ ଘଟଣାକୁ ନେଇ ଏଇ ସ୍ୱତନ୍ତ୍ର ରିପୋର୍ଟ ।

## ୨୦ ବର୍ଷ ପରେ ଧରାପଡ଼ିଲା ହତ୍ୟାକାରୀ

ପୁଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଇଥିଲା ହତ୍ୟା ଘଟଣାରେ ଜଡ଼ିତ ଜଣେ ଅଭିଯୁକ୍ତ । ତେବେ ଘଟଣାର ୨୦ ବର୍ଷ ପରେ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିଲା ପୁଲିସ । ଏଭଳି ଏକ ଘଟଣା ଘଟିଥିଲା ନୂଆଦିଲ୍ଲୀରେ । ଦିଲ୍ଲୀର ଜଣେ ବ୍ୟବସାୟୀଙ୍କୁ ଅପହରଣ ଓ ହତ୍ୟା ମାମଲାରେ ସଂପୃକ୍ତ ଜଣେ ଅଭିଯୁକ୍ତ ୨୦ ବର୍ଷ ହେଲା ଅଭିଯୁକ୍ତ ଫେରାର୍ ହୋଇଯାଇଥିଲା । ଏଇ ୨୦୨୪ ମଇରେ ଉତ୍ତର ପ୍ରଦେଶର ମୈନପୁରର ରାମଲୀଲା ମୈଦାନ ପାଖରେ ଅଭିଯୁକ୍ତ ସିପାହୀ ଲାଲ୍ ଓରଫ୍ ଗୁରୁଦୟାଲକୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି । ସେଠାରେ ସେ ନିଜ ନାମ ପରିବର୍ତ୍ତନ କରି ଛୋଲେ ଭଟୁରେ ବିକ୍ରି କରୁଥିଲା । ପୁଲିସ ପକ୍ଷରୁ ସିପାହୀ ଲାଲ୍‌ର ଗତିବିଧି ଉପରେ ନଜର ରଖାଯାଇଥିଲା । ଯେତେବେଳେ ତାକୁ ଗିରଫ କରାଗଲା, ଅଭିଯୁକ୍ତ ନିଜକୁ ଗୁରୁଦୟାଲ ଭାବେ ପୁଲିସକୁ ଚକମା ଦେବାକୁ ଚେଷ୍ଟା କରୁଥିଲା । ହେଲେ ସେ ସଫଳ ହୋଇପାରିନଥିଲା । ନିଜର ପ୍ରକୃତ ନାମ ଏବଂ ପରିଚୟ କହିଥିଲା ।

## ଫେରାର୍ ଦୁଷ୍କର୍ମ ଅଭିଯୁକ୍ତ ୨୦ ବର୍ଷ ପରେ ଗିରଫ

ଜୟପୁରରେ ୨୦ ବର୍ଷ ଧରି ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଧରି ଫେରାର୍ ଥିବା ଅଭିଯୁକ୍ତକୁ ୨୦୧୦ ମସିହା ଡିସେମ୍ବରରେ ଧରିବାରେ ପୁଲିସ ସଫଳ ହୋଇଥିଲା । ଜୟପୁର ପୁଲିସ କମିଶନରେଟ୍ ଅନ୍ତର୍ଗତ ବସ୍ତି ଥାନା ପୁଲିସ ଦୁଷ୍କର୍ମ ଅଭିଯୁକ୍ତ କାଲୁରାମ ଖଟିକ୍‌କୁ ଗିରଫ କରିଥିଲା । ପୁଲିସର ସୂଚନା ଅନୁସାରେ ୨୦୦୧ ମସିହାରେ ଅଭିଯୁକ୍ତ କାଲୁରାମ ବିରୁଦ୍ଧରେ କାନୋତା ଥାନାରେ ଏକ ଅପହରଣ ଓ ଦୁଷ୍କର୍ମ ମାମଲା ରୁଜୁ କରାଯାଇଥିଲା । ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲା । ଅଭିଯୁକ୍ତକୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଗିରଫ ପରେ ତାକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବସ୍ତି ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେହି ସମୟରେ ଅଭିଯୁକ୍ତ ପୁଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଇଥିଲା । ଏପରିକି କୋର୍ଟରେ ହାଜର ନହେବାରୁ କାଲୁରାମ ବିରୁଦ୍ଧରେ ସ୍ଥାୟୀ ୱାରେଣ୍ଟ ଜାରି କରାଯାଇଥିଲା । ତେବେ ୨୦୧୦ ମସିହାର ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତ କାଲୁରାମକୁ ଗିରଫ କରିବାରେ ସଫଳ ହୋଇଥିଲା ।



## ୨୦ ବର୍ଷ ତଳର ଲୋମହର୍ଷଣକାରୀ ଘଟଣା

୩୧ ଅକ୍ଟୋବର ୨୦୦୪ । ଦିଲ୍ଲୀର ଶକରପୁର ଅଞ୍ଚଳର ରମେଶ ଚନ୍ଦ୍ର ଗୁପ୍ତା ନାମକ ଜଣେ ବ୍ୟବସାୟୀ ନିଜ ସେଣ୍ଟ୍ରୋ କାର୍‌ରୁ ଘରୁ ବାହାରିଥିଲେ । ତେବେ ସେ ଆଉ ଘରକୁ ଫେରି ନଥିଲେ । ତେଣୁ ତାଙ୍କ ଭାଇ ଜଗଦୀଶ କୁମାର ଶାଲିମାରବାଗ୍ ଥାନାରେ ଏକ ଅପହରଣ ଅଭିଯୋଗ ଆଣିଥିଲେ । ୨ ନଭେମ୍ବର ୨୦୦୪ରେ ରମେଶ ଗୁପ୍ତାଙ୍କ କାର ବହାଦୁରଗଡ଼ ଥାନାରେ ଜମା କରାଯାଇଥିଲା । ତେବେ କାର ଜମା କରିଥିବା ବ୍ୟକ୍ତିଙ୍କ କୌଣସି ପତ୍ତା ମିଳିନଥିଲା । ଗୁପ୍ତାଙ୍କ ପରିବାରର ସନ୍ଦେହ କରୁଥିବା ମୁକେଶ ନାମକ ଜଣେ ବ୍ୟକ୍ତିକୁ ପୁଲିସ ଗିରଫ କରିଥିଲା । ପୁଲିସ ପଚାରଉଚୁରା ସମୟରେ ମୁକେଶ ନିଜ ବନ୍ଧୁ ସିପାହୀ ଲାଲ୍, ସରିଫ୍ ଖାନ୍, କମଲେଶ ଏବଂ ରାଜେଶ ସହିତ ମିଶି ରମେଶ ଗୁପ୍ତାଙ୍କୁ ଅପହରଣ କରିବା ପରେ ହତ୍ୟା କରିଥିବା ସ୍ୱୀକାର କରିଥିଲା । ମୁକେଶ ଆଜାଦପୁର ମଣ୍ଡିରେ ପରିବାର ବ୍ୟବସାୟ କରୁଥିଲା । ସରିଫ୍ ଖାନ୍, କମଲେଶ, ରାଜେଶ ଏବଂ ସିପାହୀ ଲାଲ ସେଠାରେ କର୍ମଚାରୀ ଭାବେ କାମ କରୁଥିଲେ । ଅଭିଯୁକ୍ତମାନେ ରମେଶ ଚନ୍ଦ୍ର ଗୁପ୍ତାଙ୍କୁ ହତ୍ୟା କରିବା ପରେ ଏକ ବସ୍ତାରେ ଶବକୁ ପୂରାଇ କରାଲା ଗାଁ ନିକଟରେ ଏକ ନାଳରେ ପକାଇ ଦେଇଥିଲେ । ଯାଞ୍ଚ ସମୟରେ ସରିଫ୍ ଖାନ୍ ଓ କମଲେଶଙ୍କୁ କରାଲାରୁ ଗିରଫ କରାଯାଇଥିଲା । ସିପାହୀ ଲାଲ୍ ଏବଂ ରାଜେଶଙ୍କୁ ଗିରଫ କରାଯାଇପାରି ନଥିଲା । ଉଭୟଙ୍କୁ ଅଦାଲତ ପଳାତକ ଘୋଷଣା କରିଥିଲା । ୨୦ ବର୍ଷ ପରେ ଗତ ମଇ ମାସରେ ସିପାହୀ ଲାଲକୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିଲା ।

## ୨୨ ବର୍ଷ ପରେ ଧରାପଡ଼ିଲା ହତ୍ୟାକାରୀ

୨୨ ବର୍ଷ ହେଲା ପୁଲିସ ଆଖିରେ ଧୂଳିଦେଇ ଫେରାର ହୋଇଥିବା ହତ୍ୟାକାରୀକୁ ଉତ୍ତର ପ୍ରଦେଶର ନାକା ପୁଲିସ ଗିରଫ କରିବାରେ ସଫଳ ହୋଇଥିଲା । ନାକା ପୁଲିସର ସୂଚନା ଅନୁସାରେ ୧୯୯୮ ମସିହାରେ ଅଭିଯୁକ୍ତ ମଶକଗଞ୍ଜ ବଜିରଗଞ୍ଜ ନିବାସୀ ରାଧେଲାଲ୍ ଓରଫ୍ ରାଧେଶ୍ୟାମ ପାନଦରୀୱା ନିବାସୀ ମୁସ୍ତାକଙ୍କୁ ହତ୍ୟା କରିଥିଲା । ଏହି ଘଟଣାରେ ରାଧେଲାଲକୁ ପୁଲିସ ଗିରଫ କରି ଜେଲ ହାଜତକୁ ପଠାଇ ଦେଇଥିଲା । ତେବେ ଜାମିନରେ ଆସିବା ପରେ ଅଭିଯୁକ୍ତ ଅଦାଲତରେ ହାଜର ନହୋଇ ଫେରାର୍ ହୋଇଯାଇଥିଲା । ଦୀର୍ଘ ୨୨ ବର୍ଷ ପରେ ୨୦୨୦ ଜୁନରେ ପୁଲିସ ଫେରାର୍ ଅଭିଯୁକ୍ତ ରାଧେଲାଲ୍‌କୁ ଗିରଫ କରିଥିଲା । ଏହି ହତ୍ୟା ଘଟଣାରେ ପୁଲିସ ରାଧେଲାଲ ବ୍ୟତୀତ ତା'ର ସାଥୀ ସୋନୁ, ସୁର୍ଜନ ଏବଂ ପପ୍ପୁକୁ ଗିରଫ କରିଥିଲା । ଏହି ଘଟଣାର ସମସ୍ତ ଅଭିଯୁକଙ୍କୁ ଜେଲକୁ ପଠାଇ ଦିଆଯାଇଥିଲା । ହତ୍ୟା ପରେ ଅଭିଯୁକ୍ତମାନେ ମୁସ୍ତାକଙ୍କ ଶବକୁ ଏକ ପାନ ବରଜ ଭିତରେ ଫୋପାଡ଼ି ଦେଇଥିଲେ ।

## ୮ ବର୍ଷ ପରେ ୱାରେଣ୍ଟି ଗିରଫ

ରାଜସ୍ଥାନର ଖେତଡ଼ି ପୁଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଦୀର୍ଘ ୮ ବର୍ଷର ସ୍ଥାୟୀ ୱାରେଣ୍ଟିକୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିଲା । ତୋଷାମ ଜିଲ୍ଲା ଅନ୍ତର୍ଗତ ଡାଡମ ଥାନାର ଜାତିଜାଟ ନିବାସୀ ଭାଗଚନ୍ଦକୁ ହରିୟାଣାର ବାହାଦୁରଗଡ଼ରୁ ଗିରଫ କରିଥିଲା । ଅଭିଯୁକ୍ତ ୮ ବର୍ଷ ହେଲା ପୁଲିସ କବଳରୁ ବାରମ୍ବାର ଖସି ଯାଉଥିଲା । ସୁରକ୍ଷିତ ରହିବାକୁ ସେ ବିଭିନ୍ନ ସମୟରେ ସ୍ଥାନ ମଧ୍ୟ ବଦଳାଇଥିଲା । ତେବେ ନିକଟ ଅତୀତରେ ବାହାଦୁରଗଡ଼ରୁ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟରେ ଉପସ୍ଥାପିତ କରିଥିଲେ । ଏକ ପୁଲିସ ଟିମ୍ ଗଠନ କରାଯାଇଥିଲା ଚଢ଼ାଉ କରାଯାଉଥିଲା । ଏହି ଟିମ୍‌ରେ ଅଭିଜ୍ଞ ଓ ଦକ୍ଷ ପୁଲିସ ଅଫିସରଙ୍କୁ ସାମିଲ୍ କରାଯାଇଥିଲା ।





## ୨୦ ବର୍ଷ ପରେ ୱାରେଣ୍ଟି ଗିରଫ

ବିଭିନ୍ନ ଅପରାଧ ମାମଲାରେ ଛନ୍ଦି ହୋଇଥିବା ମଧ୍ୟ ପ୍ରଦେଶର କୁଲପହାଡ଼ ଜିଲ୍ଲାର ଜଣେ ଦୁର୍ଦ୍ଧାନ୍ତ ଅପରାଧୀକୁ ୨୦ ବର୍ଷ ପରେ ପୁଲିସ ଗିରଫ କରିବାରେ ସଫଳ ହୋଇଥିଲା । ପୁଲିସ ସୂଚନା ଅନୁସାରେ ସ୍ଥାୟୀ ୱାରେଣ୍ଟି ଫେରାର୍ ଅଭିଯୁକ୍ତ ୪୨ ବର୍ଷୀୟ ନରେଶ ସକ୍ସେନାକୁ ପୋଲିସ ଖୋଜୁଥିଲା । ଏକ ସ୍ୱତନ୍ତ୍ର ଟିମ୍ ଉତ୍ତର ପ୍ରଦେଶର କୁଲପହାଡ଼ ବସ୍‌ଷ୍ଟାଣ୍ଡରେ ଗିରଫ କରିଥିଲା । ଗିରଫ ପରେ ତାକୁ କୋର୍ଟରେ ହଜାର କରାଯାଇଥିଲା । ଜାମିନ ଆବେଦନ ଖାରଜ ହୋଇଯିବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା । ଫେରାର ଅଭିଯୁକ୍ତ ନା' ପୋଲିସ ନଗଦ ଅର୍ଥରାଶି ପୁରସ୍କାର ଘୋଷଣା କରିଥିଲା ।

## ୧୦ ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

୬ ମଇ ୨୦୨୪ । ଉତ୍ତର ପ୍ରଦେଶର ଏସ୍.ଓ.ଜି., ସର୍ଭିଲାନ୍ସ ଓ ମୋତିପୁର ଥାନା ପୁଲିସର ମିଳିତ ଟିମ୍‌କୁ ମିଳିଥିଲା ବଡ଼ ସଫଳତା । ଏହି ଟିମ୍ ମିଳିତ ଭାବେ ଚଢ଼ାଉ କରି ୧୦ ବର୍ଷର ଦୁଷ୍କର୍ମ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଥିଲେ । ୨୦୧୪ ମସିହାରେ ବଲରାମପୁରରେ ଏକ ଦୁଷ୍କର୍ମ ଘଟଣାରେ ବଲରାମପୁର ଜିଲ୍ଲାର ନହ୍ନେ ଓରଫ୍ ଇରଫାନ୍ ଅନ୍‌ସାରୀ ସଂପୃକ୍ତ ଥିଲା । ଘଟଣା ପରେ ଅଭିଯୁକ୍ତ ଇରଫାନ୍ ମୁମ୍ବାଇ ଫେରାର୍ ହୋଇଯାଇଥିଲା । ପରିବାର ସହିତ ସଂପର୍କ ଛିନ୍ନ କରିଦେଇଥିଲା । ମୁମ୍ବାଇରେ ରହି ଆଧାର କାର୍ଡ ତିଆରି କରି ଜଣେ ବନ୍ଧୁ ନା'ରେ ସିମ୍‌କାର୍ଡ ନେଇ ମୋବାଇଲ୍ ବ୍ୟବହାର କରୁଥିଲା । ଘଟଣା ଦିନଠାରୁ ପୁଲିସ ଅଭିଯୁକ୍ତ ଇରଫାନ୍‌କୁ ଖୋଜିବାରେ ଲାଗିଥିଲା । ପରିବାର ସୂତ୍ରରୁ ପ୍ରକାଶ ଯେ, ଘଟଣା ଘଟିବା ପରେ ସେ ମୁମ୍ବାଇ ଯାଇ ସେଠାରେ କାମଧନ୍ଦା କରୁଥିଲା । ପୁଲିସର ଏହି ଟିମ୍ ସେ କାର୍ଯ୍ୟ କରୁଥିବା ସ୍ଥାନରେ ପହଞ୍ଚିଥିଲେ । ତା'ର ସହକର୍ମୀଙ୍କଠାରୁ ତା'ର ମୋବାଇଲ୍ ନମ୍ବର ନେଇଯାଇଥିଲେ । ଏହି ଆଧାରକୁ ଭିତ୍ତି କରି ପୁଲିସ ଲଗାତାର ଖୋଜିବାରେ ଲାଗିଥିଲା । ଗତ ମଇ ୬ ତାରିଖରେ ନହ୍ନେକୁ ଗିରଫ କରିବାରେ ସଫଳ ହୋଇଥିଲା । ଏହି ଅଭିଯୁକ୍ତଙ୍କ ନା'ରେ ୨୫ ହଜାର ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା ।

## ଫେରାର୍ ଅଭିଯୁକ୍ତ ପାଞ୍ଚ ବର୍ଷ ପରେ ଗିରଫ

ପାଞ୍ଚ ବର୍ଷ ହେଲା ରାଜସ୍ଥାନର ଜଣେ ଅଭିଯୁକ୍ତ ପୁଲିସ କବଳରୁ ଅନ୍ୟତ୍ର ଲୁଚି ରହୁଥିଲା । ନିକଟରେ ସିରୋହୀ ଜିଲ୍ଲାର ଆବୁରୋଡ ଜିଆରପି ସ୍ଥାୟୀ ୱାରେଣ୍ଟିକୁ ପୁଲିସ ଗିରଫ କରିଛନ୍ତି । ଗିରଫ ଅଭିଯୁକ୍ତ ଜଣକ ଜାମିନ ନେଇ ଫେରାର ହୋଇଯାଇଥିଲେ, ଏପରିକି ନ୍ୟାୟାଳୟରେ ସେ ହାଜର ହେଉନଥିଲା । ପୁଲିସ ସୂଚନା ମୁତାବକ, ୨୦୨୪ ମସିହା ଜାନୁଆରୀରେ ପାଲି ନିବାସୀ ଅମରାରାମଙ୍କ ପୁତ୍ର ଲାଦାରାମ ଦେବାସୀଙ୍କୁ ଗିରଫ କରାଯାଇଥିଲା । ୧୬ ଫେବୃୟାରୀ, ୨୦୧୯ ମସିହାରେ ଜମ୍ମୁତବୀ-ଅହମ୍ମଦାବାଦ ଟ୍ରେନ୍ ଫାଲନା-ଆବୁରୋଡ ଅନ୍ତର୍ଗତ ଜେନେରାଲ କୋଚରେ ଅଭିଯୁକ୍ତ ପାଖରୁ ଏକ ଧାରୁଆ ମାରଣାସ୍ତ୍ର ଜବତ କରାଯାଇଥିଲା । ହେଲେ ଅଭିଯୁକ୍ତ ଜଣକଙ୍କୁ କୋର୍ଟରେ ହାଜର କରିବା ପରେ ସେଠାରୁ ତାକୁ ଜାମିନ ମିଳିଥିଲା । ଫଳରେ ଅଭିଯୁକ୍ତଜଣକ ଫେରାର ହୋଇଯାଇଥିଲା । ତେଣୁ ଅଭିଯୁକ୍ତ ଜଣଙ୍କୁ ପୁଲିସ ଧରିବାକୁ ଅନେକ ପ୍ରଚେଷ୍ଟା କରିଥିଲେ ସୁଦ୍ଧା ସଫଳ ମିଳିନଥିଲା । ତେବେ ଅଭିଯୁକ୍ତକୁ ଧରିବାକୁ ଆବୁରୋଡ୍ ଜିଆରପି ଥାନାଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା । ଜିଲ୍ଲା ପୁଲିସ ଅଭିଯୁକ୍ତକୁ ଧରିବାକୁ ସଫଳ ହୋଇଥିଲେ ।



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ଘୋଡ଼ାକୁ ନୁହେଁ ଘୋଡ଼ା ସରି

ସାରା ଓଡ଼ିଶାରେ ବିପରୀତ ପବନ ବୋହୁଥିବାବେଳେ କୋରାପୁଟରେ ହାତ ଦଳ ମାନ ରଖିଛନ୍ତି ସପ୍ତଗିରି ଉଲ୍ଲାକା। ୨୦୧୯ରେ ପ୍ରଥମଥର ନିର୍ବାଚିତ ହୋଇଥିବା ସପ୍ତଗିରି ୨୦୨୪ରେ ଦଳୀୟ ସାଂସଦ ଭାବରେ କ୍ରମାଗତ ଦ୍ୱିତୀୟବାର ନିର୍ବାଚିତ ହେବାରେ ସଫଳ ହୋଇଛନ୍ତି। ୨୦୧୯ ନିର୍ବାଚନରେ ଦେଶରେ କଂଗ୍ରେସକୁ ୫୨ ଆସନ ମିଳିଥିବାବେଳେ ୨୦୨୪ରେ ମାତ୍ର ଗୋଟିଏ ଆସନ ପାଇଁ ଶତକରୁ ବଞ୍ଚିତ ହୋଇଛି ଦଳ। ଗତ ଲୋକସଭାର କଂଗ୍ରେସର ୧୭ ସାଂସଦ ଚଳିତ ନିର୍ବାଚନରେ ପରାଜିତ ହୋଇଥିବାବେଳେ ସାରା ଦେଶରେ ଆସନ ବଞ୍ଚାଇ ରଖିଥିବା ୩୫ ଜଣଙ୍କ ମଧ୍ୟରୁ ସପ୍ତଗିରି ହେଉଛନ୍ତି ଅନ୍ୟତମ। ଏହି କାରଣରୁ ତାଙ୍କୁ ଦିଲ୍ଲୀ କଂଗ୍ରେସ ନେତା ଓଡ଼ିଶାରେ ହାତ ପାର୍ଟିର ନୟନ ପିତୁଳା ବୋଲି କହୁଥିବା ଶୁଣାଗଲାଣି। ମାତ୍ର ସପ୍ତଗିରିଙ୍କ ସଫଳତା ପଛରେ ହାତ ପାର୍ଟିର କୋରାପୁଟିଆ ନେତା ତାରା, ତାଙ୍କ ପତ୍ନୀ ମିନାକ୍ଷୀଙ୍କ ସହ ଅନ୍ୟମାନଙ୍କର ବଡ଼ ଅବଦାନ ଥିବା କୁହାଯାଉଛି। ଗଲା ପଞ୍ଚାୟତ ନିର୍ବାଚନ ପରଠାରୁ ସପ୍ତଗିରି ନିଜ ସଂସଦୀୟ କ୍ଷେତ୍ରରେ ଓ ଅନ୍ୟ ହାତ ନେତାମାନେ ନିଜ ନିଜ ଅଞ୍ଚଳରେ ଯେପରି ଲୋକଙ୍କ ସହ ଯୋଡ଼ି ହୋଇ ରହିଥିଲେ, ତାହାର ସୁଫଳ ଏବେ ତାଙ୍କୁ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦେଶକୁ କଂଗ୍ରେସମୁକ୍ତ କରିବାକୁ ବିଜେପିର ଯୋଜନାବଦ୍ଧ ରଣକୌଶଳକୁ ସପ୍ତଗିରିଙ୍କ ପରି କିଛି ନେତା ବ୍ୟର୍ଥ କରି ଦେଇଛନ୍ତି। କୋରାପୁଟ ସଂସଦୀୟ କ୍ଷେତ୍ର ଅଞ୍ଚଳରେ ସପ୍ତଗିରି, ତାରା ଓ ଅନ୍ୟ କଂଗ୍ରେସ ନେତାମାନଙ୍କ ମିଳିତ ଉଦ୍ୟମ ଖାଲି ପଦ୍ମ ଦଳିଆଙ୍କ ଜୟଯାତ୍ରାରେ କଣ୍ଟା ବିଛାଇ ନାହିଁ; ଏକାଠି ହୋଇ ଲଢ଼ିଲେ ହାତ ପାର୍ଟି କମାଲ କରିପାରିବ ବୋଲି ଉଦାହରଣ ବି ସୃଷ୍ଟି କରିବାକୁ ସକ୍ଷମ ହୋଇଛି। କୋରାପୁଟର ଏହି ଉଦାହରଣ ଅନ୍ୟ ଅଞ୍ଚଳର ହାତ ନେତାଙ୍କୁ ଭାରି ଉତ୍ସାହିତ କରିଛି। ■



## ଜନତାଙ୍କ ନେତା ହରିପାଲ

ପଦ୍ମ ଦଳିଆ ରେଙ୍ଗାଲି ନାଉରୀଙ୍କ ବିରୋଧରେ ଯେତେବେଳେ ଜିଲ୍ଲା ପରିଷଦ ସଦସ୍ୟ ସୁଦର୍ଶନ ହରିପାଲଙ୍କୁ ଶଙ୍ଖ ଦଳ ଟିକଟ ଦେଲା, ସେତେବେଳେ ଏହାକୁ ନେଇ ଅନେକ ନାକ ଟେକିଥିଲେ। ଏହି ଆସନଟିକୁ ବିନା ଲଢ଼େଇରେ ପଦ୍ମ ଦଳକୁ ଶଙ୍ଖ ଦଳିଆ ଉପହାର ଦେଇଦେଲା ବୋଲି ବି ଅନେକ କହିଲେ। ମାତ୍ର ନିର୍ବାଚନ ଫଳାଫଳ ଆସିବା ପରେ ସମସ୍ତେ ତାଟକା। ସମ୍ବଲପୁର ସଂସଦୀୟ କ୍ଷେତ୍ରର ୭ ବିଧାନସଭା ଆସନ ମଧ୍ୟରୁ ଦେବଗଡ଼, ରେଢ଼ାଖୋଲ, ଆଠମଲ୍ଲିକ ସହ ତାଲିକାରେ ନ ଥିବା ରେଙ୍ଗାଲି ଆସନରେ ଶଙ୍ଖ ଦଳ ବିଜୟୀ ହେଲା। ଏହାପରେ ଅନ୍ୟମାନଙ୍କ ପାଇଁ ଅଖ୍ୟାତ ସୁଦର୍ଶନ ହରିପାଲ ଆକସ୍ମିକ ଭାବରେ ବିଖ୍ୟାତ ହୋଇଗଲେ। ହରିପାଲ ଜଣେ ମାଟିର ଲୋକ, ସାଧାରଣ ଲୋକଙ୍କ ମଧ୍ୟରୁ ଜଣେ। ଶିକ୍ଷାଗତ ଯୋଗ୍ୟତା ବି ବହୁତ ନୁହେଁ, ମାତ୍ର ଯୁକ୍ତ ଦୁଇ ଯାଏ ତାଙ୍କର ପାଠ। ଧନକଉଡ଼ା ଜୋନ୍-୧ରୁ ଶଙ୍ଖ ଦଳର ଜିଲ୍ଲା ପରିଷଦ ସଦସ୍ୟ ଭାବରେ ୨୦୨୨ରେ ନିର୍ବାଚିତ ହୋଇଥିଲେ। ତାଙ୍କର ସମ୍ପତ୍ତି ମାତ୍ର ୩.୮ ଲକ୍ଷ ଟଙ୍କା, କରଜ ହେଉଛି ୩.୫୯ ଲକ୍ଷ। ଅର୍ଥାତ୍ ସମ୍ପତ୍ତି ଯେତିକି, କରଜ ବି ସେତିକି। ଏହା ସତ୍ତ୍ୱେ ନାଉରୀ ନାୟକଙ୍କ ପରି ଦୀର୍ଘ ରାଜନୈତିକ ଅଭିଜ୍ଞତା ବ୍ୟକ୍ତିଙ୍କ ପରିବର୍ତ୍ତେ ତାଙ୍କ ସୁଖଦୁଃଖରେ ଠିଆ ହେଉଥିବା ସୁଦର୍ଶନଙ୍କୁ ରେଙ୍ଗାଲିବାସୀ ନିଜ ପ୍ରତିନିଧି ବାଛିବାକୁ କୁଣ୍ଠାବୋଧ କଲେ ନାହିଁ। ଅବଶ୍ୟ ସୁଦର୍ଶନ ଏହି ବିଜୟକୁ ଶଙ୍ଖପତି ନବୀନ ଓ ସମ୍ବଲପୁରର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶଙ୍କୁ ଉତ୍ସର୍ଗ କରିଛନ୍ତି। ପ୍ରଣବ ପ୍ରକାଶ ସମ୍ବଲପୁରରୁ ଲୋକସଭା ପ୍ରାର୍ଥୀ ହୋଇ ନ ଥିଲେ, ପଦ୍ମ ପ୍ରାର୍ଥୀ ନାଉରୀଙ୍କୁ ହରାଇବା ତାଙ୍କ ପକ୍ଷରେ ସମ୍ଭବ ହୋଇ ନ ଥାନ୍ତା ବୋଲି ସୁଦର୍ଶନଙ୍କ ସମର୍ଥକ କହି ବୁଲୁଛନ୍ତି। ■



## ଭାଗ୍ୟବାନ ଅନନ୍ତ ନାରାୟଣ

ଭୁବନେଶ୍ୱର ମଧ୍ୟ କ୍ଷେତ୍ର ଶଙ୍ଖ ନେତା ଅନନ୍ତ ନାରାୟଣ ସତରେ ଭାରି ଭାଗ୍ୟବାନ। ପ୍ରଥମେ ମେୟର, ତା ପରେ କ୍ରମାଗତ ଦୁଇଥର ବିଧାୟକ। ଏତେ ସୌଭାଗ୍ୟ କେତେ ଜଣଙ୍କ ଭାଗ୍ୟରେ ଜୁଟିଥାଏ ଯେ ? ଭୁବନେଶ୍ୱର ମଧ୍ୟ କ୍ଷେତ୍ରରେ ଶଙ୍ଖ ଦଳର ଅନେକ ଦାବିଦାରଙ୍କୁ ଅତିକ୍ରମ କରି ଅନନ୍ତ ଶେଷରେ ଟିକଟ ପାଇଲେ। ଅନନ୍ତଙ୍କ ଟିକଟ ଘୋଷଣା ପରେ ତାଙ୍କ ସମର୍ଥକ ଯେତେ ଖୁସି ହୋଇ ନ ଥିଲେ, ତା'ଠୁ ବେଶୀ ପଦ୍ମ ଦଳିଆ ନେତା ଖୁସି ହୋଇଥିଲେ। ଅନନ୍ତଙ୍କୁ ଟିକଟ ଶଙ୍ଖ ଦଳର ଆତ୍ମଘାତୀ ନିଷ୍ପତ୍ତି ବୋଲି ମନେ କରି ଜଗନ୍ନାଥଙ୍କ ସମର୍ଥକମାନେ ଭାରି ଆନନ୍ଦିତ ହୋଇଥିଲେ। ଗଣତିର ପ୍ରାରମ୍ଭିକ ପର୍ଯ୍ୟାୟରେ ବି ଅନୁରୂପ ଦୃଶ୍ୟ ଦିଶିଲା। ନିଶ୍ଚିତ ବିଜୟରେ ଜଗନ୍ନାଥ ଶିବିର ଉଲ୍ଲସିତ ହେବା ବେଳକୁ ଅନନ୍ତ ଶିବିରରେ ନିରାଶା ଖେଳିଗଲା। ହେଲେ ଶେଷରେ ଫଳ ଫଳିଲା ଓଲଟା। ମାତ୍ର ୩୭ ଖଣ୍ଡ ଭୋଟ ବ୍ୟବଧାନରେ ଅନନ୍ତ ବିଜୟୀ ହେଲେ। ସାରା ରାଜ୍ୟରେ ସବୁଠୁ କମ୍ ଭୋଟ ବ୍ୟବଧାନରେ ବିଜୟ ଲାଭ କରିବାର ଗୌରବମୟ ରେକର୍ଡ଼ର ଅଧିକାରୀ ହେଲେ ଅନନ୍ତ ନାରାୟଣ। କୌତୂହଳର ବିଷୟ ହେଉଛି ଏହି ମଧ୍ୟ କ୍ଷେତ୍ରରେ ନୋଟାରେ ୬୮୯ ଖଣ୍ଡ ଭୋଟ ପଡ଼ିଥିବାବେଳେ ଆପ୍, ଫରୱାର୍ଡ଼ ବ୍ଲକ, ବିଏସ୍‌ପି, କୃପା ପାର୍ଟି, ଜୱାନ କିସାନ ପାର୍ଟି, ସମୃଦ୍ଧ ଓଡ଼ିଶା, ଓଜେପି ଓ ୩ ସ୍ୱାଧୀନ ପ୍ରାର୍ଥୀ ବ୍ୟକ୍ତିଗତ ଭାବରେ ନୋଟାଠାରୁ କମ୍ ଭୋଟ ପାଇବାକୁ ସକ୍ଷମ ହୋଇଥିଲେ। ଦୁଇ ଅଙ୍କ ଛୁଇଁବାକୁ ଅକ୍ଷମ ହେବା ସତ୍ତ୍ୱେ ୫ ପ୍ରାର୍ଥୀ ଯେଉଁ ଭୋଟ କାଟିଲେ, ତାହା କୁଆଡ଼େ ଅନନ୍ତଙ୍କ ପାଇଁ ଲାଭ ଦାୟକ ହେଲା ବୋଲି ଅନେକ କହୁଛନ୍ତି। ଏହା ସତ ହେଉ ବା ମିଛ, ସତ ହେଉଛି ଅନନ୍ତ ବହୁତ ଭାଗ୍ୟବାନ। ■



## ରାଉତରାୟଙ୍କ ଦୋହରା ଦୁଃଖ

ଜଟଣୀର ମାଡ଼ିଚାଲ ନେତା ସୁର ରାଉତରାୟଙ୍କ ଉପରେ ଭାଙ୍ଗି ପଡ଼ିଛି ଦୁଃଖର ପାହାଡ଼। ଏ କଥା ଆମେ କହୁନାହୁଁ, ମାଷ୍ଟରକ୍ୟାଣ୍ଟିନ ହାତ ମଠ ପାଖରେ ହାତ ପାର୍ଟିର କିଛି ଚିଙ୍ଗୁଡ଼ିଆ ନେତା ଏ କଥା କହି ବୁଲୁଛନ୍ତି। ଏପରିକି ବିନ୍ଦାସ ସୁରଙ୍କ ଏହି ଦୁଃଖର କାରଣ କୁଆଡ଼େ ସିଏ ନିଜେ ବୋଲି ଏହି ଚିଙ୍ଗୁଡ଼ିଆ ନେତାଙ୍କ କହୁଥିବା କଥାକୁ ବୁମଧାରୀ ନାରଦମାନେ ରେକର୍ଡ଼ ବି କରିଥିବା ଅନେକ ଦେଖିଛନ୍ତି। ଅବଶ୍ୟ ସୁରଙ୍କ ସ୍ଥାନରେ ଯିଏ ଥିଲେ ବି ସିଏ ଦୁଃଖ ପାଇଥାଆନ୍ତା। ଦୁଇ ପୁଅ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କଲେ। ଜଣେ ଶଙ୍ଖ ଦଳରୁ ରାଜଧାନୀର ସାଂସଦ ପ୍ରାର୍ଥୀ, ଆଉ ଜଣେ ନିମାପଡ଼ାରୁ ହାତ ପାର୍ଟିରୁ ବିଧାୟକ ପ୍ରାର୍ଥୀ। ଶଙ୍ଖ ଦଳର ସାଂସଦ ପ୍ରାର୍ଥୀ ସୁର ତନୟ ମନ୍ମଥ ଅଳ୍ପ ଭୋଟରେ ହାରିଗଲେ, ଆଉ ନିମାପଡ଼ାରୁ ଅନ୍ୟତମ ସୁତ ସିଦ୍ଧାର୍ଥ ଅଳ୍ପ ଭୋଟ ପାଇ ଅମାନତ ହରାଇଲେ। ସୁର ଜାଣିଥିଲେ ସିଦ୍ଧାର୍ଥ ହାରିବେ, ସେଠି କମ୍ ଭୋଟ ପାଇବେ। ସେଥିପାଇଁ ସିଏ ଏତେ ଦୁଃଖୀ ନାହାନ୍ତି, ମାତ୍ର ପଦ୍ମ ନେତ୍ରୀ ଅପରାଜିତାଙ୍କୁ କଡ଼ା ମୁକାବିଲା କରି ମନ୍ମଥ ହାରିବାକୁ ସିଏ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଦୀର୍ଘ ୫୦ ବର୍ଷର ରାଜନୀତି ଗଣିତ କଷି ଆସିଥିବା ସୁର ଏଥର ପୁଅର ବିଜୟ ନେଇ ପୁରା ଆଶାବାଦୀ ଥିଲେ। ଅଙ୍କ ବି ମନ୍ମଥଙ୍କ ସପକ୍ଷରେ ଯାଇଥିଲା। ମାତ୍ର ୨୫ ହଜାର ବ୍ୟବଧାନରେ ମନ୍ମଥ ହାରିଗଲେ। ଏଥିରେ କିଏ ଦୁଃଖ ନ କରିବ ସତେ ? ମାତ୍ର ପୁଅ ହାରିବା ନେଇ ସୁର ଯେତିକି ଦୁଃଖୀ, ତା'ଠୁ ତାଙ୍କୁ ବେଶୀ କଷ୍ଟ ଦେଇଛି ନିଜ ଲୋକମାନଙ୍କର ବିଶ୍ୱାସଘାତକତା। ଯେଉଁ ଲୋକମାନଙ୍କ ସୁଖଦୁଃଖରେ ସବୁବେଳେ ଠିଆ ହୋଇଥିଲେ, ଯେଉଁମାନଙ୍କ ପାଇଁ ସେ ରାସ୍ତାରେ ଧାରଣା ଦେଇଥିଲେ; ସେହି ଲୋକମାନେ ତାଙ୍କୁ ଠିକଣା ସମୟରେ ସାଥ୍ ନ ଦେଲେ ନାହିଁ ବୋଲି କହି କାନ୍ଦି ପକାଇଛନ୍ତି ସୁର। ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।